# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 13, ISSUE NO. - 28, DATE : 15.07.2026 - 31.07.2026 FORTNIGHTLY (ODIA), BHUBANESWAR. PAGES-08


## କମ୍ରେଡ ଶିବଦାସ ଘୋଷଙ୍କ
## ୫୦ତମ ମୃତ୍ୟୁ ବାର୍ଷିକୀ ଅବସରରେ
## *ତାଙ୍କ ଶିକ୍ଷାରୁ ...*



"... ଆପଣମାନଙ୍କୁ ବୁଝିବାକୁ ହେବ ଯେ, ଆମେ ବକ୍ତୃତା ଦେଉଛୁ, ହଜାର ହଜାର ଲୋକ ଆମକୁ ସମର୍ଥନ କରୁଛନ୍ତି, ଆମମାନଙ୍କୁ ସେମାନେ ଦେଖୁଛନ୍ତି, ଆମ ପ୍ରତି ସେମାନଙ୍କର ଆକର୍ଷଣ ବଢୁଛି, ଆମେ କେଉଁଠିକୁ ଗଲେ ସେମାନେ ଆମ ପାଖକୁ ଆସୁଛନ୍ତି, ଆମ ପାଖରୁ ସେମାନେ ସାହାଯ୍ୟ ଚାହୁଁଛନ୍ତି, ଆମେ ସେମାନଙ୍କର କାମ କରି ଦେଉଛୁ, ସେମାନେ ଆମକୁ ସମର୍ଥନ କରୁଛନ୍ତି, ଭୋଟ ଦେଉଛନ୍ତି, ଏହାଦ୍ୱାରା କଣ ଆମେ କହି ପାରିବା ଯେ, ଜନସାଧାରଣ ସଚେତନ ହେଉଛନ୍ତି, ଜନସାଧାରଣ ସଂଘବଦ୍ଧ ହେଉଛନ୍ତି, ଜନସାଧାରଣ ରାଜନୈତିକ ଶକ୍ତିରେ ରୂପାନ୍ତରିତ ହେଉଛନ୍ତି ? ନା, ତାହା ନୁହେଁ। ରାଜନୈତିକ ଶକ୍ତି କହିଲେ ଯଦି ଏହି ସବୁକୁ ବୁଝୁ, ତା'ହେଲେ ଏହା ହେବ ମିଥ୍ୟାଚାର। ଏଗୁଡିକ ହେଲା ଜନସାଧାରଣ ମଧ୍ୟରେ ଆମର କାମ କରିବାର ମାଧ୍ୟମ, ଏହା ହିଁ ଶେଷ ଲକ୍ଷ୍ୟ ନୁହେଁ।

ସଂଗଠକମାନଙ୍କୁ ବୁଝିବାକୁ ହେବ ଯେ, ଏସବୁ ଜିନିଷ ଆମେ କରୁ କାହିଁକି ? ଆମେ ଜନଗଣଙ୍କ କାମ କରୁ, ଜନଗଣଙ୍କ ସେବା କରୁ, ଜନଗଣଙ୍କ ବନ୍ଧୁ ହେବା ପାଇଁ ଚେଷ୍ଟା କରୁ, କେବଳ ଜନସାଧାରଣଙ୍କୁ ଭଲ ପାଉ ବୋଲି କି ? ନା, ତାହା ନୁହେଁ। ଆମେ ପ୍ରକୃତରେ ବିପ୍ଳବକୁ ଭଲପାଉ। ଅସଲରେ, ଦେଶର ସମସ୍ତ ଶୋଷିତ ମଣିଷକୁ ମୁଁ ଭଲପାଏ ଏବଂ ସେମାନଙ୍କର ଶୋଷଣରୁ ମୁକ୍ତି ପାଇଁ ହିଁ ବିପ୍ଳବକୁ ଭଲପାଏ। ଏହି ଭଲପାଇବାର ମର୍ମାର୍ଥ କଣ ? ତା'ହେଲା, ଜନଗଣଙ୍କୁ ବିପ୍ଳବର ରାସ୍ତାରେ ନେଇ ଯିବା। ବିପ୍ଳବର ରାସ୍ତାରେ ନେଇ ଯିବା ଅର୍ଥ କହିଲେ, କଣ ବୁଝାଏ ? 'ବିପ୍ଳବ କରିବାକୁ ହେଲେ ସଂଗଠନ କରିବାକୁ ହେବ', 'ବିପ୍ଳବ ଚାହୁଁ', ଏହିଭଳି ଉପରଠାଉରିଆ କଥା ଶିଖାଇବା ନୁହେଁ। ଜନଗଣଙ୍କୁ ରାଜନୈତିକ ଶକ୍ତିରେ ରୂପାନ୍ତରିତ କରିବା କହିଲେ ବୁଝାଏ ଜନଗଣ ସୁନିର୍ଦ୍ଦିଷ୍ଟଭାବେ କଣ ଚାହାନ୍ତି– ସେକଥା ସେମାନେ ଜାଣନ୍ତି। କାହା କାହା ବିରୁଦ୍ଧରେ, କେଉଁ କେଉଁ ଫ୍ରଣ୍ଟରେ ତାଙ୍କୁ ଲଢିବାକୁ ହେବ, କେଉଁ କେଉଁ ପାର୍ଟି ବିରୁଦ୍ଧରେ କିଭଳିଭାବେ ଲଢିବାକୁ ହେବ, ସେକଥା ମଧ୍ୟ ସେମାନେ ଜାଣନ୍ତି ଏବଂ ନିଜେ ହିଁ ସେହି ଲଢେଇ ଅବିରାମ ପରିଚାଳନା କରିବା ପାଇଁ ଶକ୍ତିଶାଳୀ କମିଟି ଗଢିତୋଳିବାକୁ ସେ ସକ୍ଷମ ହୋଇଛନ୍ତି। ଏହାର ନାମ ହେଲା ଜନଗଣଙ୍କର ରାଜନୈତିକ କ୍ଷମତାର ଅଭ୍ୟୁଥାନ। ଏହି ରାଜନୈତିକ କ୍ଷମତା ବୃଦ୍ଧି ବଢୁ ବଢୁ ଜନଗଣଙ୍କର ସଶସ୍ତ୍ର ଅଭ୍ୟୁଥାନରେ ରୂପାନ୍ତରିତ ହେବ। ଫଳରେ ଜନଗଣ ରାଜନୈତିକ କ୍ଷମତାରେ ଅଧିଷ୍ଠିତ ହେବା କହିଲେ ବୁଝାଏ, ଜନଗଣଙ୍କର ସଶସ୍ତ୍ର ଅଭ୍ୟୁଥାନ କରିବାର କ୍ଷମତା।"

*(ସୋସାଲ ଡେମୋକ୍ରାସିକୁ ପରାସ୍ତ କରି ହିଁ ବିପ୍ଳବୀ ଦଳକୁ ଆଗେଇବାକୁ ପଡେ)*

# ଏସୟୁସିଆଇ(ସି) ପଲିଟବ୍ୟୁରୋ ସଦସ୍ୟ କମ୍ରେଡ୍ ରବିନ୍ ସମାଜପତିଙ୍କ ଜୀବନାବସାନ



ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପାର୍ଟିର ପଲିଟବ୍ୟୁରୋ ସଦସ୍ୟ ତଥା ଝାଡ଼ଖଣ୍ଡ ରାଜ୍ୟ ସାଂଗଠନିକ କମିଟିର ସମ୍ପାଦକ କମ୍ରେଡ୍ ରବିନ୍ ସମାଜପତି ଜୁନ ୨୬ ତାରିଖରେ କଲିକତାର ନ୍ୟାସନାଲ ନ୍ୟୁରୋ ସାଇନ୍ସ ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ମସ୍ତିଷ୍କରୁ ରକ୍ତ କ୍ଷରଣ ହେବାରୁ ତାଙ୍କୁ ଜୁନ ୨୪ ତାରିଖରେ କଲିକତା ହାର୍ଟ କ୍ଲିନିକ୍ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରଦିନ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାରୁ ତାଙ୍କୁ ନ୍ୟାସନାଲ ନ୍ୟୁରୋ ସାଇନ୍ସ ହସ୍ପିଟାଲ କୁ ସ୍ଥାନାନ୍ତର କରିବାକୁ ହୋଇଥିଲା। ଚିକିତ୍ସକ ମାନଙ୍କର ସମସ୍ତ ଉଦ୍ୟମକୁ ବ୍ୟର୍ଥ କରି ଜୁନ ୨୬ ତାରିଖ ଉପରଓଳି ତାଙ୍କର ଜୀବନାବସାନ ଘଟିଲା। ତାଙ୍କର ବିପ୍ଳବୀ ଜୀବନପ୍ରତି ଶ୍ରଦ୍ଧା ଜ୍ଞାପନ କରି କେନ୍ଦ୍ରୀୟ ଅଫିସ ସମେତ ଦେଶର ସମସ୍ତ ପାର୍ଟି ଅଫିସରେ ରକ୍ତ ପତାକା ଅର୍ଦ୍ଧନମିତ କରାଯାଇଥିଲା ଏବଂ ସମସ୍ତ କମ୍ରେଡ୍ କଳା ବ୍ୟାଜ ପରିଧାନ କରିଥିଲେ।

ଜୁନ ୨୮ ତାରିଖ ସକାଳ ପ୍ରାୟ ୧୧ ସମୟରେ କମ୍ରେଡ୍ ରବିନ୍ ସମାଜପତିଙ୍କ ମର ଶରୀର ପାର୍ଟିର କେନ୍ଦ୍ରୀୟ ଅଫିସ, ୪୮ ଲେନିନ ସାରଣୀକୁ ଅଣାଯିବାପରେ ସାଧାରଣ ସମ୍ପାଦକ କମ୍ରେଡ୍ ପ୍ରଭାସ ଘୋଷ, ବରିଷ୍ଠ ପଲିଟବ୍ୟୁରୋ ସଦସ୍ୟ କମ୍ରେଡ୍ ଅସିତ୍ ଭଟ୍ଟାଚାର୍ଯ୍ୟଙ୍କ ସମେତ ଅନ୍ୟ ପଲିଟବ୍ୟୁରୋ ତଥା କେନ୍ଦ୍ରୀୟ କମିଟି ସଦସ୍ୟମାନେ ପୁଷ୍ପମାଲ୍ୟ ଦେଇ ପ୍ରୟାତ କମ୍ରେଡ୍ ରବିନ ସମାଜପତିଙ୍କୁ ଶ୍ରଦ୍ଧା ନିବେଦନ କରିଥିଲେ। ପଶ୍ଚିମବଙ୍ଗ, ଝାଡଖଣ୍ଡ, ଓଡ଼ିଶା, ଆସାମ, ବିହାର, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ ଓ କେରଳର ରାଜ୍ୟ ନେତୃବୃନ୍ଦ ଏବଂ ପାର୍ଟିର ଶ୍ରେଣୀ ଓ ଗଣ ସଂଗଠନ ମାନଙ୍କ ତରଫରୁ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା।

ଏହା ପରେ କମ୍ରେଡ୍ ରବିନ୍ ସମାଜପତିଙ୍କ ଶେଷ ଯାତ୍ରା ଆରମ୍ଭ ହୋଇଥିଲା। ସର୍ବହରାର ମହାନ୍ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ଉପରେ ରଚିତ ସଂଗୀତ ଏବଂ ଆନ୍ତର୍ଜାତିକ ସଂଗୀତ ଗାନ କରି ଦୀର୍ଘ ଶୋଭାଯାତ୍ରା କରାଯାଇ କେଓରତାଲା ଶ୍ମଶାନରେ ପହଂଚିବା ପରେ ସେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

***କମ୍ରେଡ୍ ରବିନ୍ ସମାଜପତି ଲାଲ ସଲାମ।***

*(କମ୍ରେଡ ରବିନ୍ ସମାଜପତିଙ୍କ ପ୍ରତି କେନ୍ଦ୍ରୀୟ କମିଟିର ଶ୍ରଦ୍ଧାଞ୍ଜଳି ସର୍ବହରା କ୍ରାନ୍ତିର ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶିତ ହେବ)*

# ତ୍ରୁଟିମୁକ୍ତ ଓ ବିଜ୍ଞାନସମ୍ମତ ପାଠ୍ୟପୁସ୍ତକ ଯୋଗାଇଦେବାକୁ
# ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ଦାବି

***ଉପରୋକ୍ତ ପ୍ରସଙ୍ଗରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଓଡିଶା ରାଜ୍ୟ ସମ୍ପାଦକ କମ୍ରେଡ୍ ଶଙ୍କର ଦାଶଗୁପ୍ତ ଏକ ପ୍ରେସ ବିବୃତ୍ତିରେ କହିଛନ୍ତି ଯେ -***

୨୦୨୬-୨୭ ଶିକ୍ଷାବର୍ଷ ନିମନ୍ତେ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ବର୍ତ୍ତମାନ ଯାଏ ଆସିଥିବା ହଜାର ହଜାର ତ୍ରୁଟି କେବଳ ବନାନଗତ, ବ୍ୟାକରଣଗତ ନୁହେଁ ଏଥିରେ ବହୁ ଗୁରୁତର ତଥ୍ୟଗତ ଏବଂ ମୌଳିକ ଧାରଣାଗତ ତ୍ରୁଟି ମଧ୍ୟ ରହିଛି। ଏହାଛଡା ବହୁ ଅବୈଜ୍ଞାନିକ ତଥା ହୀନ ଉଦ୍ଦେଶ୍ୟ ପ୍ରଣୋଦିତ ବିଷୟବସ୍ତୁ ମଧ୍ୟ ବହି ଗୁଡିକରେ ସ୍ଥାନିତ ହୋଇଛି। ଏପରିକି ଯୋଗାଇ ଦିଆଯାଇଥିବା ସଂଶୋଧିତ ତାଲିକାରେ ବି ଭୁଲ୍ ରହିଛି। ଏହି ବିକୃତ ପାଠ୍ୟପୁସ୍ତକକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ନୂତନ ତ୍ରୁଟିମୁକ୍ତ ଓ ବିଜ୍ଞାନସମ୍ମତ ପାଠ୍ୟପୁସ୍ତକ ଯୋଗାଇଦେବାକୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ପକ୍ଷରୁ ଦୃଢ଼ ଦାବି କରାଯାଇଛି। 'ଗୁଣାତ୍ମକ ଶିକ୍ଷା ଯୋଗାଇଦେବା ପାଇଁ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଏନ୍ଇପି-୨୦୨୦ ଆଧାରରେ ପ୍ରକାଶ କରିଥିବା ପାଠ୍ୟପୁସ୍ତକରେ ପରଲକ୍ଷିତ ତ୍ରୁଟି ସ୍ୱାଭାବିକ ଓ

*(ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ)*

# ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ଶିକ୍ଷାର ମୂଳଦୁଆକୁ ଧ୍ୱଂସ କରିବାର ଗଭୀର ଷଡଯନ୍ତ୍ର

ଚଳିତ ଶିକ୍ଷାବର୍ଷ ନିମନ୍ତେ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପାଠ୍ୟପୁସ୍ତକ ପରିବର୍ତ୍ତନ କରାଯାଇ ନୂତନ ପାଠ୍ୟପୁସ୍ତକ ପ୍ରକାଶିତ ହୋଇଛି । ଏ ସମସ୍ତ ପୁସ୍ତକ ପିଲାଙ୍କୁ ଦିଆଯିବାପରେ ଅଭିଭାବକ ମାନଙ୍କ ମୁଣ୍ଡରେ ଚଡକ ପଡିଛି । ପିଲାର ଭବିଷ୍ୟତକୁ ନେଇ ସମସ୍ତେ ସନ୍ଧିହାନ ହୋଇ ପଡିଛନ୍ତି । ପୁସ୍ତକ ଗୁଡିକରେ ୩ ହଜାର ପାଖାପାଖି ଭୁଲ୍ । ତାହା ପୁଣି କେବଳ ବନାନଗତ କି ତଥ୍ୟଗତ ନୁହେଁ ଏପରିକି ବହୁ ଗୁରୁତର ମୌଳିକ ଧାରଣାଗତ ତ୍ରୁଟି ମଧ ରହିଛି । ବହୁ ଅବୈଜ୍ଞାନିକ, ଅଯୌକ୍ତିକ ବିଷୟବସ୍ତୁକୁ ବହିରେ ସ୍ଥାନିତ କରାଯାଇଛି । ପୁନଶ୍ଚ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ସଂଶୋଧିତ ପୁସ୍ତିକାରେ ମଧ ଅନେକ ଭୁଲ୍ ରହିଛି । ଏପରିକି ବିଭିନ୍ନ ପୁସ୍ତକରୁ ବହୁ ଗୁରୁତ୍ୱପୂର୍ଣ୍ଣ ମୌଳିକ ବିଷୟକୁ ହଟାଇ ସେହି ବୟସର ପିଲା ମାନଙ୍କ ପାଇଁ ଅନାବଶ୍ୟକ ବିଷୟକୁ ଭର୍ତ୍ତି କରାଯାଇଛି । ଏହି ବହି ଗୁଡିକୁ ପଢିଲେ ପିଲା ମାନଙ୍କ ପାଠପଢା କୁଆଡକୁ ଯିବ ? ଭବିଷ୍ୟତ କଣ ହେବ ? ଶିକ୍ଷକମାନେ ମଧ କିଂକର୍ତ୍ତବ୍ୟବିମୁଢ ହୋଇ ପଡିଛନ୍ତି । ପିଲାମାନଙ୍କୁ କେମିତି ପଢାଇବେ, କଣ ପଢାଇବେ ? ପରିଣାମତଃ ଏହାକୁ ନେଇ ରାଜ୍ୟବାସୀଙ୍କ ମଧରେ ପ୍ରବଳ ଅସନ୍ତୋଷ, ଆକ୍ରୋଶ ସୃଷ୍ଟି ହୋଇଛି । ଏପରିକି ଏହାକୁ ନେଇ ମଧ ରାଷ୍ଟ୍ରୀୟ ସ୍ତରରେ ଜୋର ଚର୍ଚ୍ଚା ଚାଲିଛି । ସ୍କୁଲ ପିଲାମାନଙ୍କ ଠାରୁ ଆରମ୍ଭ କରି ଅଭିଭାବକମାନେ ସୋସିଆଲ ମଡିଆରେ ଭିନ୍ନ ଭିନ୍ନ ଶୈଳୀରେ ପୁସ୍ତକରେ ଥିବା ତ୍ରୁଟି ଗୁଡିକୁ ଉନ୍ମୋଚନ କରି ନିଜ ନିଜର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ଏହା ବର୍ତ୍ତମାନ ସମୟରେ ସବୁଠାରୁ ଅଧିକ ଆଲୋଚନା ସମାଲୋଚନାର ବିଷୟ ହୋଇଛି । ସରକାର ଏବଂ ତାଙ୍କ ଦଳର ଟ୍ରୋଲ୍ ବାହୀନି ସଂପୂର୍ଣ୍ଣ ଧରାଶାୟୀ । ସମାଲୋଚନାକୁ ସାମନା କରିବାକୁ ବାଟ ଖୋଜି ପାଉ ନାହାଁନ୍ତି । ଗୋଟେ ପଟେ ସରକାର ଭୁଲ୍‌କୁ ସ୍ୱୀକାର କଲେ ମଧ ସାମାନ୍ୟ ଭୁଲ୍ କହି ସଂଶୋଧନ କରି ପଢାଇବା କଥା କହୁଛନ୍ତି ଅନ୍ୟପଟେ ରାଜ୍ୟର ଜନସାଧାରଣ ଏହାକୁ ସାମାନ୍ୟ ନୁହେଁ ଗୁରୁତର ତ୍ରୁଟି ବିବେଚନା କରି ବହି ଗୁଡିକୁ ତୁରନ୍ତ ପ୍ରତ୍ୟାହାର କରିବା ସହ ଚଳିତ ବର୍ଷ ପୁରୁଣା ବହିରେ ପଢାଇବା ପାଇଁ ଦାବି କରୁଛନ୍ତି । ଗାଁ ରୁ ସହର ପର୍ଯ୍ୟନ୍ତ ଆନ୍ଦୋଳନର ସିଂହନାଦ ଶୁଭିଲାଣି ।

**ପାଠ୍ୟପୁସ୍ତକରେ ତ୍ରୁଟି ମାଳମାଳ**

ଡବଲ୍ ଇଞ୍ଜିନ ନାଁରେ ରାଜ୍ୟ କ୍ଷମତାକୁ ଆସିଥିବା ବିଜେପି ସରକାର ଏନଇପି – ୨୦୨୦କୁ ରାଜ୍ୟରେ ଦ୍ରୁତ ଲାଗୁ କରିବାକୁ ଯାଇ ଅତ୍ୟନ୍ତ ତରବରିଆ ଭାବେ ସମସ୍ତ ପ୍ରକାର ଗଣତାନ୍ତ୍ରିକ ରିତିନୀତିକୁ ଉପେକ୍ଷା କରି ଏନ୍.ସି.ଇ.ଆର.ଟି ଦ୍ୱାରା ପ୍ରକାଶିତ ପ୍ରଥମ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ଗୁଡିକୁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ(ଏ.ଆଇ) ସାହାଯ୍ୟରେ ଓଡିଆରେ ଅନୁବାଦ କରି ୫୫ଖଣ୍ଡ ପାଠ୍ୟପୁସ୍ତକ ପ୍ରକାଶ କରିଛନ୍ତି । ଏହି ବହି ଗୁଡିକରେ ହଜାର ହଜାର ସଂଖ୍ୟାରେ ବନାନଗତ, ଭାଷାଗତ, ତଥ୍ୟଗତ ଓ ବହୁ ମୌଳିକ ବିଷୟରେ ବିଚାରଗତ ତ୍ରୁଟି ଅଛି । ଏଠାରେ ସୂଚନାଯୋଗ୍ୟ ତ୍ରୁଟି ଗୁଡିକୁ ସଂଶୋଧନ କରି ଓସେପା ପକ୍ଷରୁ ଗତ ଜୁନ୍ ୮ତାରିଖ ଦିନ ଏକ କୋରିଜେନ୍‌ଡମ୍ (Corrigendum) ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ(DEO)ଡିଇଓ ମାନଙ୍କୁ ତାଙ୍କ ଅଧିନରେ ଥିବା ଶିକ୍ଷକମାନଙ୍କୁ ପ୍ରଦାନ କରିବା ପାଇଁ ପଠାଇଥିଲେ । ପ୍ରଥମ ଶ୍ରେଣୀରେ ୭ଟି, ଦ୍ୱିତୀୟରେ ୧୨, ତୃତୀୟରେ ୭୨, ଚତୁର୍ଥ ୧୩୧, ପଂଚମରେ ୭୫, ଷଷ୍ଠରେ ୨୮୯, ସପ୍ତମରେ ୩୭୯, ଅଷ୍ଟମ ଶ୍ରେଣୀରେ ସର୍ବାଧିକ ୭୦୫ଟି ଭୁଲ୍ ଏବଂ ସେଥିରୁ କେବଳ ବିଜ୍ଞାନ ବହିରେ ୩ଶହ ଭୁଲ୍ ବୋଲି ଦର୍ଶାଯାଇଛି । ଏହା ଛଡା ମଧ ବହୁ ଭୁଲ ରହିଛି ଯାହା ସୋସିଆଲ ମିଡିଆରେ ଘୁରି ବୁଲୁଛି ।

**ବନାନଗତ ତ୍ରୁଟି –** ସରକାର ନିଜେ ୧୬୭୮ଟି ବନାନଗତ, କିଛି ତଥ୍ୟଗତ ତ୍ରୁଟି ବାହାର କରିଥିଲା ବେଳେ ଜନସାଧାରଣ ପାଖାପାଖି ୩ ହଜାର ତ୍ରୁଟି ବାହାର କରିଛନ୍ତି । ଯେପରି ପଂଚମ ଶ୍ରେଣୀ ବହିରେ ରବିନ୍ଦ୍ର ନାଥ ଠାକୁରଙ୍କ ଦ୍ୱାରା ରଚିତ କବିତା "ଯଦି ତୋର ଡାକ ଶୁନେ କେଉ ନା ଆସେ ତବେ ଏକଲା ଚଲୋ ରେ ..." ଏବଂ ଅନ୍ୟ ଏକ ଅହମିୟା କବିତାରେ ପ୍ରତି ଶବ୍ଦରେ ଭୁଲ୍ ରହିଛି । ଅଷ୍ଟମ ଶ୍ରେଣୀ କୃତି ବହିରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଦ୍ୱାରା ରଚିତ କବିତା "ତୁଙ୍ଗ ଶିଖରୀ ଚୂଳ କୁଞ୍ଜ କାନନ ମାଳ..." ରେ ମଧ ପ୍ରଚୁର ଭୁଲ୍ ରହିଛି । ସବୁଠାରୁ ଦୁଃଖଦାୟକ ଘଟଣା ହେଉଛି ସରକାରଙ୍କ ପକ୍ଷରୁ ତ୍ରୁଟି ଗୁଡିକୁ ସଂଶୋଧନ କରି ଯେଉଁ ସଂଶୋଧିତ ତାଲିକା ଦିଆଯାଇଥିଲା ସେଥିରେ ମଧ ଗୁରୁତର ତ୍ରୁଟି ରହିଛି । ଅଷ୍ଟମ ଶ୍ରେଣୀ ବିଜ୍ଞାନ ବହି ଜିଜ୍ଞାସାରେ ଭାରତର ସମ୍ବିଧାନ 'ପ୍ରସ୍ତାବନା' ବଦଳରେ 'ପ୍ରସ୍ଥାବନା' ଲେଖା ଯାଇଛି । ଗଣିତ ବହି 'ଘାତର ଖେଳ' ବିଷୟରେ $m^a x m^n = m^{a+n}$ ଏହି ସୂତ୍ରକୁ ଭୁଲ ଭାବରେ ଲେଖା ଯାଇଛି । ଅଷ୍ଟମ ଶ୍ରେଣୀ କୌଶଳ ବୋଧ ବହିରେ କ୍ଷାରାମ୍ଳ *p*H କୁ ବାରମ୍ୱାର PH ବୋଲି ଲେଖା ଯାଇଛି । ସେହିପରି ବିଜ୍ଞାନ ବହି, ଭାଷା ଶିକ୍ଷା ପାଇଁ ଭାଷା ମହକ, ସାମାଜିକ ବିଜ୍ଞାନ, କଳାଶିକ୍ଷା ପାଇଁ ଉଦ୍ଦିଷ୍ଟ କୃତି ବହିରେ ଭୁଲ ରହିଛି ।

**ତଥ୍ୟଗତ ତ୍ରୁଟି –** ବହୁ ବିଶିଷ୍ଟ ବ୍ୟକ୍ତି ମାନଙ୍କ ନାମକୁ ବିକୃତ କରି ଲେଖାଯାଇଛି ଯଥା ଡଃ ଏଲ୍. ସୁବ୍ରମନ୍ୟମ୍‌ଙ୍କ ନାଁ ଡି.ଏଲ. ସୁବ୍ରମନ୍ୟମ, ସିଂହାରୀ ଶ୍ୟାମସୁନ୍ଦର କରଙ୍କ ନାମ ସିଂହାରୀ ଶ୍ୟାମାସୁନ୍ଦର କର, ପ୍ରଫେସର ରାମହରି ଦାସଙ୍କ ନାମ ପ୍ରଫେସର ରରାମହରି ଦାସ, ସୁନନ୍ଦା ପଟ୍ଟନାୟକଙ୍କ ନାମ ସନନ୍ଦା ପଟ୍ଟନାୟକ ଏହିଭଳି ଅନେକ ମାରାତ୍ମକ ତ୍ରୁଟି ରହଛି । ଓଡିଶା ବିଧାନସଭା ଚିତ୍ର ଜାଗାରେ କର୍ଣ୍ଣାଟକ ବିଧାନସଭାର ଚିତ୍ର, ନିୟମଗିରି ଝାଡଖଣ୍ଡ ରାଜ୍ୟରେ ଅବସ୍ଥିତ ବୋଲି ଲେଖାଯାଇଛି । ପଂଚମ ଶ୍ରେଣୀ ବହିରେ ବ୍ରହ୍ମପୁରକୁ ଜିଲ୍ଲା, ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ 'ଭାରତରେ ଔପନିବେଶିକ ଯୁଗ' ଆରମ୍ଭରେ ସମୟ ମାପରେ ବହୁ ଭୁଲ ରହିଛି, ସପ୍ତମ ଶ୍ରେଣୀ ଗଣିତ ବହିରେ ୫୦ଥର ୧୦କୁ ମିଶାଇଲେ ୫୦୦ହେବା ବଦଳରେ ୫ଥର ମିଶାଇଲେ ଲେଖା ଯାଇଛି । ଏହିପରି ଅନେକ ତ୍ରୁଟି ରହିଛି ଯାହାକି ପିଲାମାନେ ପଢିବା ସମୟରେ ବହୁ ବିଭ୍ରାନ୍ତି ସୃଷ୍ଟି କରିବ ।

**ବହୁ ଅବୈଜ୍ଞାନିକ ବିଷୟବସ୍ତୁ ଭର୍ତ୍ତି କରାଯାଇଛି –** ଗଣିତ ବହି ଠାରୁ ଆରମ୍ଭ କରି ସାହିତ୍ୟ ପର୍ଯ୍ୟନ୍ତ ସମସ୍ତ ବହିରେ ବହୁ ଅବୈଜ୍ଞାନିକ, ଅଯୌକ୍ତିକ ବିଷୟ ସହ ପରସ୍ପର ସହିତ ସଂପର୍କହୀନ ବହୁ କଥାବସ୍ତୁ ଭର୍ତ୍ତି କରାଯାଇଛି । ଯେପରି ଅଷ୍ଟମ ଶ୍ରେଣୀ ଗଣିତ ବହିର ଘାତର ଖେଳ ବିଷୟରେ ଉଲ୍ଲେଖ କରାଯାଇଛି "ପଦଯାତ୍ରା ହେଉଛି ଧାର୍ମିକ କିମ୍ୱା ଆଧାତ୍ମିକ ଅନୁସନ୍ଧାନର ଏକ ପାରମ୍ପରିକ ପ୍ରଥା । ଆମ ଦେଶର ବିଭିନ୍ନ ଧର୍ମର ଲୋକମାନେ ଭିନ୍ନ ଭିନ୍ନ ନାମ ଓ ଉଦ୍ଦେଶ୍ୟ ଥାଇ ଉପଯୁକ୍ତ ତୀର୍ଥଯାତ୍ରା କିମ୍ୱା ଆଧାତ୍ମିକ ଯାତ୍ରାରେ ଚାଲିଥାନ୍ତି । କେତେକ ତୀର୍ଥଯାତ୍ରା ହେଉଛି ଆଜମେର ଦରଘା, ଜିୟାରତ, ପଣ୍ଡରପୁର ୱାରୀ, କାୱାଁର ଯାତ୍ରା, ସାବରିମାଳା ଯାତ୍ରା, ସମ୍ମେଦ ଶିଖରଜୀ ଯାତ୍ରା, ଲୁମ୍ବିନୀରୁ ସାରନାଥ ଯାତ୍ରା ।" ଘାତ ସହିତ ଏହାର କି ସଂପର୍କ ରହିଛି ? ସାମାଜିକ ବିଜ୍ଞାନ ପୁସ୍ତକରେ "ଭୂମି ପବିତ୍ର ହୁଏ କିପରି ?' ଏଥିରେ ଆକାଶ, ବାୟୁ, ଅଗ୍ନି, ଜଳ, ପୃଥିବୀ, ଗ୍ରହ, ସମସ୍ତ ପ୍ରାଣୀ, ବୃକ୍ଷ ଏବଂ ଉଦ୍ଭିଦ, ନଦୀ, ସମୁଦ୍ର ହେଉଛି ଭଗବାନଙ୍କ ଶରୀରର ଅଙ୍ଗ ବୋଲି ଲେଖା ଯାଇଛି । ପବିତ୍ରତା କଣ ? ଭୂମି କିପରି ପବିତ୍ର ହୁଏ ? ପବିତ୍ର ସ୍ଥାନ, ତୀର୍ଥଯାତ୍ରାର ବହୁ ବର୍ଣ୍ଣନା ଅଛି । ୫୧ଟି ଶକ୍ତି ପୀଠ, ୧୨ଟି ଜ୍ୟୋତିର୍ଲିଙ୍ଗ ସମ୍ବନ୍ଧରେ ଚିତ୍ର ସହ ବହୁ ବର୍ଣ୍ଣନା ଅଛି । ବହି ଉପରେ ଲେଖା ଯାଇଛି ସାମାଜିକ ବିଜ୍ଞାନ ମାତ୍ର ଭିତରେ ଧାର୍ମିକ ବିଷୟ ଭର୍ତ୍ତି । ଏହା କ'ଣ ସୂଚୀତ କରୁଛି ? ଭୂଗୋଳରେ ଭୌଗୋଳିକ ଜ୍ଞାନ ଯଥା ଶିଳା, ବାରିମଣ୍ଡଳ, ଜୈବମଣ୍ଡଳ, ବାୟୁ ମଣ୍ଡଳ, ଭୂମିରୂପ ଇତ୍ୟାଦି ବିଷୟକୁ ସମ୍ପୂର୍ଣ୍ଣ ବାଦ ଦିଆଯାଇ ଭୌଗଳିକ ବିବିଧତା, ପାଣିପାଗ ମଧରେ ସୀମିତ କରାଯାଇଛି । ସପ୍ତମ ଶ୍ରେଣୀ ଗଣିତ ବହିରେ କୁହୁକ ବର୍ଗ କଥା ଆଲୋଚନା କରିବାକୁ ଯାଇ ନବଗ୍ରହ ରାହୁ, କେତୁ, ଶନି, ସୂର୍ଯ୍ୟ, ଚନ୍ଦ୍ର ...ରେ ବ୍ୟବହାର କୁହୁକ ବର୍ଗ କଥା, କୁବେର ଯନ୍ତ୍ର ଇତ୍ୟାଦି ବିଷୟରେ ଉଲ୍ଲେଖ କରାଯାଇଛି ।

ଗଣିତ ବହି ଗୁଡିକୁ ସଂପୂର୍ଣ୍ଣ ଗଳ୍ପ ବହିରେ ପରିଣତ କରାଯାଇଛି । ଦ୍ୱିତୀୟ ଶ୍ରେଣୀ ଗଣିତ ବହିରେ 'ସମୁଦ୍ର କୂଳରେ ଗୋଟିଏ ଦିନ', 'ପର୍ବ ପାଇଁ ସାଜସଜ୍ଜା', 'ଋତୁ ପସରା', 'ମେଳାରେ ମଜା'; ତୃତୀୟ ଶ୍ରେଣୀ ଗଣିତ ବହିରେ 'ନାମରେ କଣ ଅଛି', 'ଖେଳନା ଆନନ୍ଦ', 'ମୋ ଆଇ ମାଙ୍କ ସହ ଛୁଟି', 'ରକ୍ଷାବନ୍ଧନ', 'ଯୋରନ୍ଦା ମେଳା'; ଚତୁର୍ଥ ଶ୍ରେଣୀ ବହିରେ 'ଲୁଚକାଳି ଖେଳ', 'ସବୁଠାରୁ ସ୍ୱଚ୍ଛ ଗ୍ରାମ', 'ହାତୀ ହରିଣ ମାଙ୍କଡ ମେଳି', 'ପରିବହନ ସଂଗ୍ରହାଳୟ'; ପଂଚମ ଶ୍ରେଣୀରେ 'ଆମେ ସମସ୍ତେ ଯାତ୍ରୀ', 'ଦୁଗ୍ଧ ଉତ୍ପାଦନ କେନ୍ଦ୍ର', 'ନଡିଆ ବଗିଚା', 'ଜେଜେମାଙ୍କ କମ୍ବଳ', 'ପ୍ରାଣୀ ଡିଆଁ', 'ମାନଚିତ୍ର' ଇତ୍ୟାଦି ନାଁରେ ବିଭିନ୍ନ ଅଧାୟ ଲେଖା ଯାଇଛି । ଏ ସମସ୍ତ ନାଁରୁ ବୁଝା ପଡୁଛି ସରକାର ବୋଧେ ଆମ ପିଲା ମାନଙ୍କୁ ମୁର୍ଖ କରିବା ପାଇଁ ପଣ କରିଛନ୍ତି । ବହି ଗୁଡିକ ଗଳ୍ପ ଜରିଆରେ, ଚିତ୍ର ସାହାଯ୍ୟରେ, କମିକ୍ସ ବହି ଭଳି ଚିତ୍ର ଦ୍ୱାରା କଥପୋ କଥନରେ ଭର୍ତ୍ତି କରାଯାଇଛି । ଏହା ସାମାନ୍ୟ ଭୁଲ୍ ହୋଇପାରେ କି ? ନା, ପ୍ରାଥମିକ ଶିକ୍ଷାକୁ ଧ୍ୱଂସ କରିବାର ଏହା ହେଉଛି ଯୋଜନାବଦ୍ଧ ଷଡଯନ୍ତ୍ର ?

**ଅନାବଶ୍ୟକ ବିଷୟବସ୍ତୁ ଭର୍ତ୍ତି –**

ଡବଲ ଇଞ୍ଜିନ ସରକାର ଦେଶରେ ଯେଉଁ 'ନାମ ପରିବର୍ତ୍ତନ ଯୋଜନା' ଆରମ୍ଭ କରିଛନ୍ତି, ସେଥିରୁ ମନେ ହେଉଛି, ସତେ ଯେମିତି ସବୁ ସମସ୍ୟାର ମୂଳ ପୁରୁଣା ନାମ ମଧରେ ହିଁ ରହିଛି । ସେଥିରୁ ପାଠ୍ୟ ପୁସ୍ତକ ବାଦ ପଡିବ କିପରି ? ଯେପରି ଗଣିତ ବହି ନାଁ ଗଣିତ ମେଳା, ଗଣିତ ଖେଳ, ବିଜ୍ଞାନ ବହିର ନାଁ ଜିଜ୍ଞାସା, ଇଂରାଜୀ ବହିର ନାଁ ପଲ୍ଲବୀ, ଜାସମିନ୍, ଓଡିଆ ବହି ନାଁ ଝୁଲଣା, ଭାଷା ମହକ ଇତ୍ୟାଦି ରଖାଯାଇଛି । ଏହାର କାରଣ କେବଳ ସରକାର ହିଁ କହିପାରିବେ ? ଆହୁରି ଗଣିତ ବହିରୁ ଜ୍ୟାମିତି, ତ୍ରିକୋଣମିତି, ପରିମିତି, ସେଟ୍ ଥିଓରି, ପଲିନୋମିଆଲ୍, ବ୍ୟବସାୟିକ ଗଣିତ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଉଠାଇ ଦିଆଯାଇ ବିଭିନ୍ନ ଗଳ୍ପ, ଚିତ୍ର, ଧାର୍ମିକ କଥା ଦେଇ ବହିକୁ ଆହୁରି ଭାରାକ୍ରାନ୍ତ କରାଯାଇଛି । ଅଷ୍ଟମ ଶ୍ରେଣୀ ଗଣିତ ବହିରେ 'ସଂଖ୍ୟାର କାହାଣୀ' ନାଁରେ ଏକ ଅଧାୟ ନୂତନ ଭାବେ ଯୁକ୍ତ କରାଯାଇଛି । ଯେଉଁଥିରେ ଗ୍ରୀକ, ମିଶରୀୟ, ମେସୋପଟାମୀୟ, ମାୟା, ଚୀନ୍, ଦଶମିକ ସଂଖ୍ୟା ପ୍ରଣାଳୀ ବିଷୟରେ ବିସ୍ତୃତ ବିବରଣୀ ଦିଆଯାଇ ସେ ସବୁ ସଂଖ୍ୟାର ଲିଖନ ପଦ୍ଧତି, ବିଭିନ୍ନ ସଂଖ୍ୟାରେ ପ୍ରକାଶ କରିବା; ମିଶାଣ, ଫେଡାଣ, ଗୁଣନ କରିବା; ସଂଖ୍ୟାକୁ ବିଭିନ୍ନ ଆଧାରରେ(Base) ଲେଖିବା ଇତ୍ୟାଦି ଦିଆଯାଇଛି । ଯାହାକି ଏହି ବୟସର ପିଲା ମାନଙ୍କ ପାଇଁ ଅନାବଶ୍ୟକ । ଏପରିକି ସରକାରୀ ପରିସଂଖ୍ୟାନ ଅନୁଯାୟୀ ଆମ ଦେଶର ସପ୍ତମ ଶ୍ରେଣୀରେ ପଢୁଥିବା ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ ପିଲା ଦଶମିକ ସଂଖ୍ୟା ପ୍ରଣାଳୀରେ ମିଶାଣ, ଫେଡାଣ ବି କରି ପାରନ୍ତିନାହିଁ । ସେତେବେଳେ ଆମ ପିଲା ଗ୍ରୀକ୍, ମିଶରୀୟ, ମେସୋପଟାମୀୟ, ମାୟା, ଚୀନ୍ ସଂଖ୍ୟା ପ୍ରଣାଳୀ ଜାଣିବେ ଏବଂ ମିଶାଣ, ଫେଡାଣ ଶିଖିବେ ଏହା ସମ୍ଭବ କି ? ସେହିଭଳି ଅଷ୍ଟମ ଶ୍ରେଣୀ ବିଜ୍ଞାନ ବହିରେ 'ଚନ୍ଦ୍ର-ସୂର୍ଯ୍ୟ ଗତି ଓ ସମୟ ଗଣନା' ବିଷୟରେ ଚନ୍ଦ୍ର କ୍ୟାଲେଣ୍ଡର/ଚନ୍ଦ୍ର ପଞ୍ଜିକା, ସୌର କ୍ୟାଲେଣ୍ଡର, ସିଦ୍ଧାନ୍ତ ଦର୍ପଣ ଉପରେ ବହୁ ବାଖ୍ୟା କରାଯାଇଛି । ମାତ୍ର ବିଜ୍ଞାନର ବହୁ ମୌଳିକ ବିଷୟ ଯଥା ଶକ୍ତି, ବଳ, ଘର୍ଷଣ, ଧ୍ୱନି, ଆଲୋକ, ପ୍ରଜନନ, ଦହନ, ବିବର୍ତ୍ତନ ଇତ୍ୟାଦି ପାଠ୍ୟପୁସ୍ତକରେ କାର୍ଯ୍ୟତଃ ନାହିଁ ।

**ଅନାବଶ୍ୟକ ବୋଝ –**

ଗୋଟିଏ ପଟେ ପିଲାମାନଙ୍କ ଉପରେ ପାଠପଢାର ବୋଝ ହେଉଛି କହି ରେସନାଲାଇଜେସନ ନାଁରେ ମୌଳିକ ପାଠ ଯଥା ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ, ଇଂରାଜୀ, ଓଡିଆ ଆଦି ବହି ଗୁଡିକରୁ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ହଟାଇ ଦିଆଯାଇଛି । ଅନ୍ୟପଟେ ୩ୟ ଶ୍ରେଣୀରେ ନୂତନ କରି ପ୍ରଚଳନ କରାଯାଇଥିବା କଳାଶିକ୍ଷା ବହି 'ଇନ୍ଦ୍ରଧନୁ'ରେ ୨୦ଟା ଅଧାୟ, 'ଖେଳ ଓ ଯୋଗ' ବହିରେ ୭ଟା ଅଧାୟ ଏବଂ ଧନ୍ଦାମୂଳକ ଶିକ୍ଷା ଭାବେ ୬ଷ୍ଠ ଶ୍ରେଣୀରୁ 'କୌଶଳ ବୋଧ' ବହି ପ୍ରଚଳନ କରାଯାଇଛି । ତୃତୀୟ ଶ୍ରେଣୀ ପିଲାଙ୍କ ପାଇଁ କେବଳ ଇନ୍ଦ୍ରଧନୁ ବହିରେ ଦୃଶ୍ୟକଳାରେ ୫ଟି ବିଷୟ, ସଂଗୀତ ୫ଟି, ଭଙ୍ଗୀ ଓ ନୃତ୍ୟ ୪ଟି, ନାଟ୍ୟକଳାରେ ୬ଟି ବିଷୟ ଉପରେ ବିସ୍ତୃତ ଥିଓରି ସହିତ କଳା କୌଶଳ ବିଷୟରେ ଆଲୋଚନା କରାଯାଇଛି । ଏହାକୁ କିଏ ପଢାଇବ, କିଏ ପଢିବ,

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ...

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

ବା କଣ ପାଇଁ ପଢିବ ? ଏହି ପ୍ରଶ୍ନ ଆଜି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆନ୍ଦୋଳିତ କରୁଛି । ୮/୯ ବର୍ଷର ପିଲାମାନଙ୍କ ଉପରେ ଅନାବଶ୍ୟକ ବୋଝ ଲଦି ଦେବା ଏବଂ ଗୁରୁତ୍ୱପୂର୍ଣ୍ଣ ମୌଳିକ ବିଷୟକୁ ନ ପଢାଇବା ଅର୍ଥ ପିଲାମାନଙ୍କ ଜ୍ଞାନାର୍ଜନର ମୂଳଦୁଆକୁ ସଂପୂର୍ଣ୍ଣ ଧ୍ୱଂସ କରିବାର ଏହା ପରିକଳ୍ପନା ମାତ୍ର । ରାଜ୍ୟରେ କ'ଣ ଗୋଟିଏବି ସ୍କୁଲ ଅଛି କି, ଯେଉଁଠାରେ ଆବଶ୍ୟକ ଭିତ୍ତିଭୂମି ଏବଂ ପଢାଇବା ଭଳି ଆବଶ୍ୟକ ସଂଖ୍ୟକ ଶିକ୍ଷକ ଅଛନ୍ତି ?

**ଶିକ୍ଷାର ଧନ୍ଦାମୁଖୀକରଣ** – ସରକାର ଷଷ୍ଠ ଶ୍ରେଣୀରୁ ଧନ୍ଦାମୂଳକ ଶିକ୍ଷା ନାଁରେ 'କୌଶଳ ବୋଧ' ବହି ପ୍ରଚଳନ କରିଛନ୍ତି । ସେଥିରେ 'ତାରା ଉଦ୍ୟାନ', 'ପାକଶାଳା', 'କଣ୍ଢେଇ ନାଚ', 'ଗୃହ ପାଳିତ ପ୍ରାଣୀଙ୍କ ଯତ୍ନ', 'କାଠ କାମ', ଅଗ୍ନିବିହୀନ ରୋଷେଇରେ 'ଘୋଳ ଦହି', 'ଝାଲ୍ ମୁଢି', 'ସାଲାଡ୍', 'ସର୍ବତ', 'ପଣା', 'ଚଟଣୀ', 'ଚାଟ୍', 'ଫଳ ଜୁସ୍' ଇତ୍ୟାଦି କିପରି ପ୍ରସ୍ତୁତ କରାଯିବ ତାହାର ଶିକ୍ଷା ଦିଆଯିବ । ଯେଉଁମାନେ ଲକ୍ଷାଧିକ ଟଙ୍କା ଦେଇ ବିଭିନ୍ନ ବେସରକାରୀ ଘରୋଇ ସ୍କୁଲରେ ଓ ଇଣ୍ଟରନ୍ୟାସନାଲ ସ୍କୁଲରେ ତାଙ୍କ ପିଲାଙ୍କୁ ପଢାଉଛନ୍ତି ତାଙ୍କ ପିଲା ମାନେ ଏହା ପଢିବେ ତ ? ନା କେବଳ ସରକାରୀ ସ୍କୁଲରେ ପଢୁଥିବା ପିଲାମାନେ ହିଁ ପଢିବେ । କହିବା ବାହୁଲ୍ୟ ସରକାର ବସ୍ତୁତଃ ଶିକ୍ଷାର ଧନ୍ଦାମୁଖୀକରଣ କରିବା ଭିତର ଦେଇ ପିଲାମାନଙ୍କ ବିଚାର ବିବେକବୋଧକୁ ଧୂଳିସାତକରି ସେମାନଙ୍କୁ ଯନ୍ତ୍ର ମଣିଷରେ ପରିଣତ କରିବା ପାଇଁ ସଂଗଠିତ ବ୍ୟବସ୍ଥା ଆରମ୍ଭ କରିଛନ୍ତି ।

**ପ୍ରାଥମିକ ଶିକ୍ଷାକୁ ଧ୍ୱଂସ କରିବାର ଷଡଯନ୍ତ୍ର**

ତ୍ରୁଟିପୂର୍ଣ୍ଣ ବହିକୁ ନେଇ ରାଜ୍ୟର ମୁଖ୍ୟମନ୍ତ୍ରୀ ସର୍ବସମ୍ମୁଖରେ ପ୍ରକାଶକଲେ ଯେ ତାଙ୍କ ସରକାରକୁ ବଦନାମ କରିବା ପାଇଁ ଷଡଯନ୍ତ୍ର ହୋଇଛି । ବାସ୍ତବରେ ତାଙ୍କ ସରକାରକୁ ନୁହେଁ ସମଗ୍ର ଶିକ୍ଷାକୁ ଧ୍ୱଂସ କରିବା ଏବଂ ଶିକ୍ଷାକୁ ସଂପୂର୍ଣ୍ଣ ବ୍ୟବସାୟରେ ପରିଣତ କରିବାର ଗଭୀର ଷଡଯନ୍ତ୍ର କେନ୍ଦ୍ରୀୟ ସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ହୋଇଛି ଯାହାର ଗନ୍ଧ ସ୍ପଷ୍ଟଭାବେ ବାରି ହୋଇ ପଡୁଛି ।

**ପ୍ରଥମତଃ,** ଏକାଥରେ ଏତେ ଗୁଡିଏ ଶ୍ରେଣୀର ବହି ବଦଳା ଯାଏନି । କାରଣ ପ୍ରତ୍ୟେକ ଶ୍ରେଣୀ ସହିତ ପ୍ରତ୍ୟେକ ଶ୍ରେଣୀର ସଂପର୍କ ଅଛି ଏବଂ ଗୋଟିଏ ଶ୍ରେଣୀର ବିଭିନ୍ନ ବିଷୟ ମଧ୍ୟରେ ବି ସଂପର୍କ ଅଛି । ଏକାଥରେ ସବୁ ଶ୍ରେଣୀର ବହି ବଦଳାଇବା ଅର୍ଥ ପୂର୍ବ ବର୍ଷ କୌଣସି ବି ଶ୍ରେଣୀର ପଢା ଯାଇଥିବା ପାଠ ସହିତ ତା ପର ଶ୍ରେଣୀର ବହିକୁ ସଂପର୍କହୀନ କରିବା; ଯାହାକି ସଂପୂର୍ଣ୍ଣ ଅବୈଜ୍ଞାନିକ ଏବଂ ପଠନ ପାଠନକୁ କ୍ଷତି ସାଧନ କରିବ ।

**ଦ୍ୱିତୀୟତଃ,** ରାଜ୍ୟ ଗଣ ଶିକ୍ଷା ମନ୍ତ୍ରୀ ବାରମ୍ବାର କହୁଛନ୍ତି ଯେ 'ଗୁଣାତ୍ମକ ଶିକ୍ଷା ଯୋଗାଇଦେବା ପାଇଁ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଏନ୍.ଇ.ପି-୨୦୨୦ ଆଧାରରେ ପ୍ରକାଶ କରିଥିବା ପାଠ୍ୟପୁସ୍ତକରେ ପରିଲକ୍ଷିତ ତ୍ରୁଟି ସ୍ୱାଭାବିକ ଓ ସାମାନ୍ୟ' ! ଏହି ମନ୍ତବ୍ୟ ଅତ୍ୟନ୍ତ ଦାୟୀତ୍ୱହୀନ ଓ ଚରମ ଶିକ୍ଷାବିରୋଧୀ ନୀତିର ପରିଚାୟକ । ତାଙ୍କ କଥାର ଦୁଇଟି ଦିଗ ଅଛି । ପ୍ରଥମତଃ, ଏ ସମସ୍ତ ପାଠ୍ୟପୁସ୍ତକର ମୂଳ ଉତ୍ସ ହେଉଛି ଗତ ବର୍ଷ ଏନ୍‌ସିଇଆରଟି ଦ୍ୱାରା ପ୍ରକାଶିତ ପୁସ୍ତକ । ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଏନ୍‌ସିଇଆରଟି ବହି ଗୁଡିକୁ କେବଳ ଏ.ଆଇ ସାହାଯ୍ୟରେ ଓଡିଆରେ ଅନୁବାଦ କରାଯାଇ ପ୍ରକାଶ କରାଯାଇଛି । ଅର୍ଥାତ **ଓଡିଆ ବହି ଗୁଡିକ ରଚନା କରାଯାଇ ନାହିଁ କେବଳ କିଛି ନାଁ ବଦଳାଇ ଅନୁବାଦ କରାଯାଇଛି ।** ଦ୍ୱିତୀୟତଃ, ମନ୍ତ୍ରୀଙ୍କ କଥା ଅନୁସାରେ ତ୍ରୁଟି ସ୍ୱାଭାବିକ ଓ ସାମାନ୍ୟ ଅର୍ଥ ଏନଇପି-୨୦୨୦ର ସାମଗ୍ରିକ ଶିକ୍ଷା ଉପରେ ଯାହା ଭୟାବହତା ଦେଖାଦେଇଛି ଏବଂ ଆଗାମୀ ଦିନରେ ଆହୁରି ଭୟଙ୍କର ରୂପ ନେଇ ଦେଖାଦେବ ତାହା ତୁଳନାରେ ତ୍ରୁଟିପୂର୍ଣ୍ଣ ବହି ଗୁଡିକ କିଛି ନୁହେଁ । ତେଣୁ ଏପରି ତ୍ରୁଟିରୁ ଗଭୀର ଷଡଯନ୍ତ୍ରର ଗନ୍ଧବାରି ହୋଇ ପଡୁଛି ।

**ତୃତୀୟତଃ,** ଏଠାରେ ସୂଚନା ଯୋଗ୍ୟ ପ୍ରଥମେ ଶିକ୍ଷା ଅଧିକାର ଆଇନ ଲାଗୁ କରାଯାଇ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପରୀକ୍ଷା ଉଠାଇ ଦିଆଗଲା, ପାଶ-ଫେଲ୍ ରହିଲା ନାହିଁ । ଶିକ୍ଷକ ମାନଙ୍କ ନିଯୁକ୍ତି ବଦଳରେ ଶିକ୍ଷା ସହାୟକ ନିଯୁକ୍ତି ଦିଆଗଲା । ପିଲାମାନେ ନିଜେ ନିଜେ ପଢିବେ, ଶିକ୍ଷା ସହାୟକ ମାନେ ପଢିବାରେ ସାହାଯ୍ୟ କରିବେ । ତାପରେ ଆରମ୍ଭ ହେଲା ବହୁ ଶ୍ରେଣୀ ଭିତ୍ତିକ ପାଠପଢା (Multi Grade Teaching) ଅର୍ଥ ଜଣେ ଶିକ୍ଷକ ଏକାବେଳେ ଏକାଧିକ ଶ୍ରେଣୀକୁ ପଢାଇବାର କୌଶଳ । ସେଥିପାଇଁ ପୁଣି ଶିକ୍ଷକମାନଙ୍କୁ ତାଲିମ ଦିଆଗଲା । ଯାହାର ଫଳଶ୍ରୁତିରେ ଆରମ୍ଭ ହେଲା ୫ଟା ଶ୍ରେଣୀକୁ ଜଣେ ଶିକ୍ଷକ ନିଯୁକ୍ତି । ଆମ ରାଜ୍ୟରେ ପ୍ରାୟତଃ ସମସ୍ତ ସ୍କୁଲ୍ ଅବସ୍ଥା ଏହିପରି । ତାପରେ ଆସିଲା ସ୍କୁଲ ବନ୍ଦ-ମିଶ୍ରଣ(Closer & Merger) ବ୍ୟବସ୍ଥା । ଗତ ସରକାର ସମୟରେ ରାଜ୍ୟରେ ପ୍ରାୟ ୮ ହଜାର ସ୍କୁଲ ବନ୍ଦ ଏବଂ ମିଶ୍ରଣ କରାଯାଇଛି । ଏତଦ୍‌ସତ୍ତ୍ୱେ ବହୁ ଘାତ ପ୍ରତିଘାତ, କଷ୍ଟ ଯନ୍ତ୍ରଣା ଭିତରେ ଯେଉଁ ପିଲାମାନେ ବହି ସାହାଯ୍ୟରେ ପଢିବାର ସୁଯୋଗ ପାଉଥିଲେ ସେତକ କାଢିନେବା ପାଇଁ ପାଠ୍ୟପୁସ୍ତକ ଉପରେ ବର୍ତ୍ତମାନ ଆଖି । ନା ରହିବ ବାଉଁଶ – ନା ବାଜିବ ବଇଁଶୀ, ତେଣୁ ମୂଳରୁ ମାରିଦେଲେ ଆଉ ପାଠ ପଢିବେ ନା ଚାକିରି ପାଇଁ ଦାବି କରିବେ । କେବଳ ଶିକ୍ଷା ଦେବା ନାଁରେ ସେମାନଙ୍କୁ ଅଜ୍ଞ, ମୂର୍ଖ ବନାଇ ଦାସରେ ପରିଣତ କରି ଦୀର୍ଘ ଦିନ ଶାସନ କରିବାର ଏହା ସୁଦୂରପ୍ରସାରୀ ଯୋଜନା ମାତ୍ର ।

**ଚତୁର୍ଥତଃ,** ପ୍ରାୟ ସମସ୍ତ ମୌଳିକ ବହିରେ ବହୁ ଅବୈଜ୍ଞାନିକ, ଅଯୌକ୍ତିକ କଥା ଭର୍ତ୍ତି କରାଯାଇଛି । ଯାହାକି ବିଜ୍ଞାନସମ୍ମତ ଚିନ୍ତା ଚେତନା, ଯୁକ୍ତିଶୀଳ ମାନସିକତା ଗଢିଉଠିବା ଏବଂ ନିର୍ଦ୍ଦିଷ୍ଟ ବିଷୟକୁ ଗଭୀର ଭାବରେ ଅଧ୍ୟୟନ କ୍ଷେତ୍ରରେ ବଡ ପ୍ରତିବନ୍ଧକ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭାରତବର୍ଷର ଶାସକ ଶ୍ରେଣୀ ନିଜ ଶାସନ ଶୋଷଣକୁ ଦୀର୍ଘସ୍ଥାୟୀ କରିବା ପାଇଁ ସର୍ବାତ୍ମକ ଫାସିବାଦ ଆଣିବାକୁ ବ୍ୟଗ୍ର । ଏ ଯୁଗର ବିଶିଷ୍ଟ ମାର୍କ୍ସବାଦୀ ଦାର୍ଶନିକ କମ୍ରେଡ ଶିବଦାସ ଘୋଷ କହିଥିଲେ, ବିଜ୍ଞାନର କାରୀଗରୀ ଦିଗ ଓ ଆଧ୍ୟାତ୍ମିକ ଚିନ୍ତାର ମିଶ୍ରଣ ଫାସିବାଦର ଭାବଗତ ଭିତ୍ତି ରଚନା କରେ । ତେଣୁ ବିଜ୍ଞାନର କାରିଗରୀ ଦିଗ ସହିତ ଧର୍ମୀୟ ଚିନ୍ତାକୁ ସମ୍ମିଶ୍ରିତ କରି ଯଦି ପିଲାମାନଙ୍କୁ ପଢାଯାଏ ତାହେଲେ ପିଲାମାନଙ୍କୁ ଯନ୍ତ୍ର ମଣିଷରେ ପରିଣତ କରାଯାଇପାରେ । ଏହି ଉଦ୍ଦେଶ୍ୟରେ ଏକଦା ହିଟଲର ଜର୍ମାନୀରେ ନାଜୀବାଦ ପ୍ରତିଷ୍ଠା କରିବା ପାଇଁ ଶିକ୍ଷାକୁ ସଂପୂର୍ଣ୍ଣ ନିୟନ୍ତ୍ରଣ କରିଥିଲା । ଠିକ୍ ସେହିପରି ବିଜେପି ଭାରତବର୍ଷର ପୁଞ୍ଜିପତି ଶ୍ରେଣୀ ସ୍ୱାର୍ଥରେ ଶୋଷଣକୁ ଦୀର୍ଘସ୍ଥାୟୀ କରିବା ପାଇଁ ସର୍ବାତ୍ମକ ଫାସିବାଦ ଆଣିବାକୁ ଆଜି ତାର ପରିପୂରକ ପାଠ୍ୟପୁସ୍ତକ ରଚନା କରିଛି । ଏହା କଦାପି ସାମାନ୍ୟ ବା ଅନିଚ୍ଛାକୃତ ହୋଇପାରେନା । ଏହା ସମ୍ପୂର୍ଣ୍ଣ ଭାବେ ଗଭୀର ଷଡଯନ୍ତ୍ରମୂଳକ ।

**ପଂଚମତଃ,** ଇଂରାଜୀ ବହିରେ ଓଡିଆ ରଜ ଦୋଳି ଗୀତ ଏପରିକି ଅନ୍ୟ ଗୋଟିଏ ଜାଗାରେ 'ଅତିଥି ଦେବୋ ଭବଃ' ମଧ୍ୟ ଲେଖା ଯାଇଛି ଏବଂ ତା'ତଳେ କିଛି ଇଂରାଜୀ ପ୍ରଶ୍ନ ଦିଆଯାଇଛି । ଏହା କଣ ଭୁଲରେ ଲେଖା ଯାଇଛି ? ନା, ଜାଣି ଜାଣି ଲେଖାଯାଇଛି । ଏହା ସମର୍ଥନରେ ଟ୍ରୋଲ୍ ବାହିନୀ ସୋସିଆଲ ମିଡିଆରେ ଯୁକ୍ତି ବାଢି ଚାଲିଛନ୍ତି । ସମସ୍ତ ଯୁକ୍ତି ଗାଲୁଆଙ୍କ ବାରବାଟି ଚାଷ ସଦୃଶ୍ୟ । ଇଂରାଜୀ ଭାଷା ଶିକ୍ଷା ବହିରେ ଓଡିଆରେ ପଢାଇବାର କୌଣସି ଅର୍ଥ ନାହିଁ ବରଂ ଏହା ଶିଶୁ ମନସ୍ତାତ୍ତ୍ୱିକ ଦୃଷ୍ଟି କୋଣରୁ ଘୋର ନେତିବାଚକ ।

**ଷଷ୍ଠତଃ,** ବିଶେଷ କରି ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, ଭାଷା ଶିକ୍ଷା ବହି ଗୁଡିକରେ ବହୁ ମୌଳିକ ପାଠ ହଟାଇ ପାଠର ମାନ ହ୍ରାସ କରି ପାଠପଢାକୁ ଗୁରୁତ୍ୱହୀନ କରାଯାଇଛି । ଏହାଦ୍ୱାରା ଯେ କେବଳ ସରକାରୀ ଓଡିଆ ସ୍କୁଲରେ ପଢୁଥିବା ପିଲାଙ୍କ ପାଠପଢା ଦିଗହରା ହେବ ତାହା ନୁହେଁ ଏପରିକି ସିବିଏସ୍‌ଇ ବହି ଗ୍ରହଣ କରିଥିବା ଆଦର୍ଶ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ସମସ୍ତ କେନ୍ଦ୍ରୀୟ ବିଦ୍ୟାଳୟ, ଡିଏମ୍ ସ୍କୁଲ ଭଳି ଅନେକ ସ୍କୁଲ ଛାତ୍ରଛାତ୍ରୀ ଏହାଦ୍ୱାରା ପ୍ରଭାବିତ ହେବେ ।

**ସପ୍ତମତଃ,** ଏହି ପରସ୍ଥିତିରେ ଖୁବ୍ ନିକଟରେ ଦେଶରେ ଗଢି ଉଠିଥିବା ଇଣ୍ଟରନ୍ୟାସନାଲ୍ ସ୍କୁଲ, ଆଇ.ବି (International Baccalaureate) ସ୍କୁଲ, Cambridge (CAIE) ସ୍କୁଲ, ଆଇ.ସି.ଏସ୍.ଇ ସ୍କୁଲ ଭଳି ବହୁ କର୍ପୋରେଟ୍ ପରିଚାଳିତ ଘରୋଇ ବିଦ୍ୟାଳୟ । ଯେପରି ଭୁବନେଶ୍ୱରରେ କିଟ୍, ସାଇ ଭଳି ଇଣ୍ଟରନେସନାଲ୍ ସ୍କୁଲ ରହିଛି । ଦେଶରେ ଯାହା ପାଖରେ ମୋଟା ଅଙ୍କର ଟଙ୍କା ଅଛି ସେମାନେ ତାଙ୍କ ପିଲାଙ୍କୁ ଏହି ସମସ୍ତ ସ୍କୁଲରେ ପଢାଇବେ ଏବଂ ଦେଶର ସଂଖ୍ୟାଧିକ ପିଲା ନାମକୁ ମାତ୍ର ସରକାରୀ ସ୍କୁଲରେ ଝାଲ୍ ମୁଢି, ପୁରୀ ତିଆରି ଶିଖି ନିମ୍ୱୋଡା ନିମ୍ୱୋଡା ନିମ୍ୱୋଡା, ଆରେ କାଚା କାଚା ଛୋଟାଛୋଟା ନିମ୍ୱୋଡା ଲାୟି ଦୋ ... ଗୀତରେ ନାଚି ନାଚି ଥକି ଭାଗ୍ୟ ବିଧାତା ଦୋଷ ଦେଇ ଯନ୍ତ୍ରରେ ପରିଣତ ହେବେ ।

ଏ ସମସ୍ତ କଥାକୁ ବିଚାର କଲେ ମନ୍ତ୍ରୀଙ୍କ କଥା ଅନୁଯାୟୀ ଏହା କଦାପି ସାମାନ୍ୟ ଭୁଲ୍ ହୋଇ ପାରେ କି ? ଏହା କେବଳ ଭୁଲ୍ ନୁହେଁ ବରଂ ସରକାରଙ୍କ ଘୋର ଅପରାଧିକ କାର୍ଯ୍ୟକଳାପ । ଶିକ୍ଷାର ମୂଳଦୁଆ ଧ୍ୱଂସ ହେବ ଅର୍ଥ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବଂ ସର୍ବୋପରି ସମାଜ ସଭ୍ୟତା ଧ୍ୱଂସ ହେବ ।

ତେଣୁ ବିକୃତ ତ୍ରୁଟିଯୁକ୍ତ ପାଠ୍ୟପୁସ୍ତକକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ପାଇଁ ସରକାରୀ ନିର୍ଦ୍ଦେଶନାମା ତୁରନ୍ତ ଜାରି କରିବା ସହ ଚଳିତ ବର୍ଷ ପୁରୁଣା ବହିରେ ପାଠପଢାଇବା, ଏନ୍.ଇ.ପି-୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରିବା ଏବଂ ଆସନ୍ତା ଶିକ୍ଷା ବର୍ଷ ପାଇଁ ବିଜ୍ଞାନସମ୍ମତ ପାଠ୍ୟପୁସ୍ତକ ଯୋଗାଇ ଦେବା ନିମନ୍ତେ ଅବିଳମ୍ବେ ଗଣତାନ୍ତ୍ରିକ ପଦ୍ଧତିରେ ବିଷୟଭିତ୍ତିକ ବିଶେଷଜ୍ଞଙ୍କୁ ନେଇ କମିଟି ଗଠନ କରିବାକୁ ଦୃଢ ଦାବିରେ ଦୁର୍ବାର ଆନ୍ଦୋଳନ ଗଢିତୋଳିବା ପାଇଁ ସମସ୍ତ ସ୍ତରର ଜନଗଣ ରାଜରାସ୍ତାକୁ ଓହ୍ଲାଇ ଆସିବା ହିଁ ହେଉଛି ବର୍ତ୍ତମାନ ସମୟର ଏକମାତ୍ର ବିକଳ୍ପ ।

★★★

# ସ୍କୁଲ ପାଠ୍ୟପୁସ୍ତକରେ ବିଭ୍ରାଟ ସଂପର୍କରେ ଶିକ୍ଷା ବଂଚାଅ କମିଟି ପକ୍ଷରୁ ଆଲୋଚନା ଚକ୍ର




କଟକ ଗାନ୍ଧୀ ଭବନଠାରେ ସାରା ଭାରତ ଶିକ୍ଷା ବଂଚାଅ କମିଟି କଟକ ଜିଲ୍ଲା ଶାଖା ପକ୍ଷରୁ 'ସ୍କୁଲ ପାଠ୍ୟପୁସ୍ତକରେ ଅସଂଖ୍ୟ ଭୁଲ ଏବଂ ଅବୈଜ୍ଞାନିକ ଓ ଅଯୌକ୍ତିକ ବିଷୟବସ୍ତୁ ପ୍ରଚଳନ' ପ୍ରସଙ୍ଗରେ ଏକ ଆଲୋଚନା ଚକ୍ର ଜୁନ୍ ୨୬ ତାରିଖରେ ଅନୁଷ୍ଠିତ ହୋଇଯାଇଛି ।

ଏହି ଆଲୋଚନା ସଭାରେ ରେଭେନସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ଼କ୍ଟର ସଚ୍ଚିନ୍ଦ୍ର ରାଉଳ ସଭାପତିତ୍ୱ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ତଥା କମିଟିର ରାଜ୍ୟ ସଭାପତି ପ୍ରଫେସର ବିରେନ୍ଦ୍ର ନାୟକ, ଶିକ୍ଷାବିତ ପ୍ରଫେସର ଖାରବେଳ ମହାନ୍ତି, ପ୍ରଫେସର ସତ୍ୟକାମ ମିଶ୍ର, ଡକ୍ଟର ଅର୍ଜୁନ ବିଶ୍ୱାଳ, ରଞ୍ଜନ କୁମାର ଲେଙ୍କା, ଡକ୍ଟର ଦେବାଶିଷ ଅଚାର୍ଯ୍ୟ, ଡକ୍ଟର ଅଭୟ କୁମାର ସ୍ୱାଇଁ, ଡକ୍ଟର ବ୍ରଜ କିଶୋର ନାୟକ, ବିଦ୍ୟୁତ କୁମାରୀ ଲାଲା, ଜୟନ୍ତ କୁମାର ଦାସ, ଦର୍ପ ଗଂଜନ ସାହୁ, ଦେବବ୍ରତ ପାତ୍ର, ପ୍ରକାଶ କୁମାର ପଟ୍ଟନାୟକ, ହୃଷିକେଶ ବଳ, ପ୍ରଫେସର ସିଦ୍ଧାର୍ଥ ଭରଦ୍ୱାଜ, ବରିଷ୍ଠ ସାମ୍ବାଦିକ ଡକ୍ଟର ସତ୍ୟ ରାୟ, ଡକ୍ଟର ବିଶ୍ୱଜିତ, ଇଂ କ୍ଷୀରୋଦ ମହାପାତ୍ର, ବିଶିଷ୍ଟ ଆଇନଜୀବୀ ଚିତ୍ତରଂଜନ ମହାନ୍ତି, ସୋମା ପଟ୍ଟନାୟକ, ସୁକାନ୍ତ ନାୟକ, ବିଜୟ ରାଉତରାୟ, ଚିତ୍ତରଂଜନ ବଳ, କବି ଶର୍ମିଷ୍ଠା ନାଥ, ଅକ୍ଷୟ ରାଉଳ, କଷ୍ଟ୍‌ଏକାଉଣ୍ଟାଟ୍ ତରୁଣ ରାୟ, ସମାଜସେବୀ ମଞ୍ଜୁଲତା ଜେନା, ଶ୍ରମିକ ନେତା ମନୋରଂଜନ ମହାରଣା, ଅଭିଭାବକ ରୀନାରଣୀ ଓଝା, ରାଜ୍ୟ କମିଟିର ଉପସଭାପତି ବିଶ୍ୱାବସୁ ଦାସ, ସଂପାଦକ ସୁବାସ ନାୟକ, କମିଟିର ଜିଲ୍ଲା ସଂପାଦକ ବବି ବଳବନ୍ତରାୟ, କୋଷାଧ୍ୟକ୍ଷ ବିନୋଦ ସେଠୀ ପ୍ରମୁଖଙ୍କ ସମେତ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମଧ୍ୟ ଯୋଗ ଦେଇଥିଲେ । ତୃଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ପ୍ରତ୍ୟାହାର କରି ପୁରୁଣା ବହିରେ ଚଳିତବର୍ଷ ଶିକ୍ଷାଦାନ କରିବା ଓ ବିଶେଷଜ୍ଞ ମାନଙ୍କ କମିଟି ଗଠନ କରି ବିଜ୍ଞାନ ସମ୍ମତ ଭାବରେ ନୂଆ ପୁସ୍ତକ ରଚନା କରିବା ପାଇଁ ସରକାରଙ୍କ ନିକଟରେ ଦାବି କରିବାକୁ ଆଲୋଚନା ସଭାରେ ମତ ପ୍ରକାଶ ପାଇଥିଲା । ସେହି ନିଷ୍ପତ୍ତି ଅନୁଯାୟୀ ଜୁନ୍ ୨୯ ତାରିଖରେ କଟକ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି ।

# ଅଲ୍ ଇଣ୍ଡିଆ ଡିୱାଇଓର ୬୦ତମ ପ୍ରତିଷ୍ଠା ବାର୍ଷିକୀ କଲିକତାଠାରେ ପାଳିତ








ବିପ୍ଳବୀ ଯୁବ ସଙ୍ଗଠନ ଅଲ୍ ଇଣ୍ଡିଆ ଡିୱାଇଓର ୬୦ତମ ପ୍ରତିଷ୍ଠା ବାର୍ଷିକୀ ଉପଲକ୍ଷେ ବର୍ଷବ୍ୟାପୀ ଯୁବ ଆନ୍ଦୋଳନ ଓ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ଏହାର ଉଦ୍‌ଯାପନ ଉପଲକ୍ଷେ ଜୁନ୍ ୨୭ ତାରିଖରେ କଲିକତାଠାରେ ଏକ ସର୍ବଭାରତୀୟ ସମାବେଶ ଆୟୋଜିତ ହୋଇଥିଲା। ଏହି ଅବସରରେ ୨୦ଟି ରାଜ୍ୟରୁ ୨୦୦୦ରୁ ଊର୍ଦ୍ଧ୍ୱ ଯୁବ କର୍ମୀଙ୍କୁ ନେଇ ଏକ ପଦଯାତ୍ରା କଲେଜ ଷ୍ଟ୍ରିଟ୍‌ରୁ ବାହାରିଥିଲା। ପଦଯାତ୍ରା ଆରମ୍ଭ ହେବା ପୂର୍ବରୁ ଅଲ୍ ଇଣ୍ଡିଆ ଡିୱାଇଓର ସର୍ବ ଭାରତୀୟ ଅଫିସ ସମ୍ପାଦକ କମ୍ରେଡ ବିଜୟାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅଲ୍ ଇଣ୍ଡିଆ ଡିୱାଇଓର ସର୍ବଭାରତୀୟ ନେତୃମଣ୍ଡଳୀ ମହାନ୍ ମାନବତାବାଦୀ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟଦାନ କଲା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାପରେ ସର୍ବଭାରତୀୟ ଶୋଭାଯାତ୍ରା ରାଜା ସୁବୋଧ ମଲ୍ଲିକ ସ୍କୋୟାର ଅଭିମୁଖେ ଯାଇଥିଲା। ସେଠାରେ ଅଲ୍ ଇଣ୍ଡିଆ ଡିୱାଇଓର ସର୍ବ ଭାରତୀୟ ସଭାପତି କମ୍ରେଡ ନିରଞ୍ଜନ ନସ୍କରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାର ପ୍ରାରମ୍ଭରେ ସଙ୍ଗୀତ ଗୋଷ୍ଠୀ ପକ୍ଷରୁ ଅଲ୍ ଇଣ୍ଡିଆ ଡିୱାଇଓର ସଙ୍ଗୀତ ଗାନ କରାଯାଇଥିଲା। ଏହି ସଭାରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ର କେନ୍ଦ୍ରୀୟ କମିଟି ସଭ୍ୟ ତଥା ବିହାର ରାଜ୍ୟ ସମ୍ପାଦକ କମ୍ରେଡ ଅରୁଣ ସିଂ ମୁଖ୍ୟବକ୍ତା, ପଶ୍ଚିମବଙ୍ଗ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ କମ୍ରେଡ ସୁବ୍ରତ ଗୌରୀ ଅନ୍ୟତମ ବକ୍ତା ଓ ଅଲ୍ ଇଣ୍ଡିଆ ଡିୱାଇଓର ସର୍ବଭାରତୀୟ ସାଧାରଣ ସମ୍ପାଦକ କମ୍ରେଡ ଅମରଜିତ୍ କୁମାର ବକ୍ତବ୍ୟ ରଖିଥିଲେ। ବହୁ କଷ୍ଟକର ସଂଗ୍ରାମ ମଧ୍ୟଦେଇ ସର୍ବଭାରତୀୟ ସ୍ତରରେ ଏହି ସଂଗଠନକୁ ପୂର୍ବରୁ ଗଢ଼ିତୋଳି ଥିବା ନେତୃମଣ୍ଡଳୀ ଙ୍କୁ ସଙ୍ଗଠନ ପକ୍ଷରୁ ମେମେଣ୍ଟୋ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ସଙ୍ଗଠନର ପ୍ରତିଷ୍ଠାତା ମହାନ ମାର୍କ୍ସବାଦୀ ଦାର୍ଶନିକ କମ୍ରେଡ ଶିବଦାସ ଘୋଷ ଙ୍କ ଉପରେ ରଚିତ ସଙ୍ଗୀତ ଗାନ ମଧ୍ୟ ଦେଇ ସଭା ଶେଷ ହୋଇଥିଲା।

## ତ୍ରୁଟିମୁକ୍ତ ଓ ବିଜ୍ଞାନସମ୍ମତ ...

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ସାମାନ୍ୟ'- ଗଣଶିକ୍ଷା ମନ୍ତ୍ରୀଙ୍କ ଏହି ମନ୍ତବ୍ୟ କେବଳ ଦାୟିତ୍ୱହୀନ ନୁହେଁ ବରଂ ଏହା ଅତ୍ୟନ୍ତ ଦୂରଭିସନ୍ଧିମୂଳକ ମଧ୍ୟ।

ଆମ୍ଭେ ଦୃଢ ଭାବେ ମନେକରୁ ଯେ ପାଠ୍ୟ ପୁସ୍ତକରେ ପ୍ରକାଶିତ ସାମଗ୍ରୀକ ତ୍ରୁଟି ଗୁଡିକ ଇଚ୍ଛାକୃତ ଓ ସୁପରିକଳ୍ପିତ। ଛାତ୍ର ମାନଙ୍କ ଭିତରେ ଅବୈଜ୍ଞାନିକ ଓ କୁସଂସ୍କାର ଜନିତ ଅନ୍ଧ ମାନସିକତା ଗଢି ତୋଳିବାର ଉଦ୍ଦେଶ୍ୟ ନେଇ ପାଠ୍ୟ ପୁସ୍ତକରେ ବିଷୟ ଗୁଡିକୁ ସ୍ଥାନିତ କରାଯାଇଛି। ଏହି ପ୍ରକ୍ରିୟାରେ ଶିକ୍ଷା ବ୍ୟବସ୍ଥା ମଧ୍ୟ ଦେଇ ଚିନ୍ତା ଜଗତରେ ଫାଶୀବାଦୀ ଯାନ୍ତ୍ରୀକରଣ କରାଯାଉଛି ଏବଂ ଏହା ହିଁ ଜାତୀୟ ଶିକ୍ଷା ନୀତି-୨୦୨୦ର ମୂଳ ଉଦ୍ଦେଶ୍ୟ।

ତେଣୁ ବିକୃତ ତ୍ରୁଟିଯୁକ୍ତ ପାଠ୍ୟପୁସ୍ତକକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା, ଚଳିତ ବର୍ଷ ପୁରୁଣା ବହିରେ ପାଠପଢାଇବା, ଏନ୍.ଇ.ପି-୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରିବା ଏବଂ ଆସନ୍ତା ଶିକ୍ଷା ବର୍ଷ ପାଇଁ ବିଜ୍ଞାନସମ୍ମତ ପାଠ୍ୟପୁସ୍ତକ ଯୋଗାଇ ଦେବା ନିମନ୍ତେ ଅବିଳମ୍ବେ ଗଣତାନ୍ତ୍ରିକ ପଦ୍ଧତିରେ ବିଷୟଭିତ୍ତିକ ବିଶେଷଜ୍ଞଙ୍କୁ ନେଇ କମିଟି ଗଠନ କରିବା ଉଦ୍ଦେଶ୍ୟରେ ଶକ୍ତିଶାଳୀ ଆନ୍ଦୋଳନ ଗଢିତୋଳିବା ପାଇଁ ରାଜ୍ୟର ଛାତ୍ର, ଶିକ୍ଷକ, ଶିକ୍ଷାବିତ୍, ଅଭିଭାବକ ତଥା ସର୍ବସ୍ତରର ଶୁଭବୁଦ୍ଧି ସମ୍ପନ୍ନ ଜନସାଧାରଣ ଆଗେଇ ଆସିବା ପାଇଁ କମ୍ରେଡ ଦାଶଗୁପ୍ତ ଆହ୍ୱାନ ଜଣାଇଛନ୍ତି।




*ପାଠ୍ୟପୁସ୍ତକରେ ବିଭ୍ରାଟ ଏଆଇଏସଇସି ପକ୍ଷରୁ କଟକ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ*

# କମ୍ରେଡ୍ ଫକୀର ମୋହନ ବାରୁଆଙ୍କ ସ୍ମୃତିସଭା



ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ବାମରା ବ୍ଲକ ଆଂଚଳିକ ସାଂଗଠନିକ କମିଟିର ଆବେଦନକାରୀ ସଦସ୍ୟ କମ୍ରେଡ୍ ଫକୀର ମୋହନ ବାରୁଆଙ୍କ ସ୍ମୃତି ସଭା ଜୁନ ୨୨ ତାରିଖରେ ବ୍ଲକର କୁଟାରୀମାଳ ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଆଂଚଳିକ ସାଂଗଠନିକ କମିଟିର ସମ୍ପାଦକ କମ୍ରେଡ୍ ଲକ୍ଷ୍ମୀନାରାୟଣ ଛତ୍ରିଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ମୃତିସଭାରେ କମ୍ରେଡ୍ ହରିହର ଟପ୍ପୋ, ମମତା ମହାନନ୍ଦ, ଖଗେଶ୍ୱର ବିଶ୍ୱାଳ, ସୁନ୍ଦରଗଡ଼ ଜିଲ୍ଲା କମିଟି ସଦସ୍ୟ ବିଷ୍ଣୁ ପଣ୍ଡା, ଦେବାନନ୍ଦ ବାଗ, ପୁଷ୍ପାଞ୍ଜଳି ନାଏକ, କୁମରମଣି ମିଞ୍ଜ, ବଂଶୀଧର ରଣା, ପ୍ରଫୁଲ୍ଲ ବାରୁଆ ପ୍ରମୁଖ ଯୋଗଦେଇ ପ୍ରୟାତ କମ୍ରେଡ୍ ଫକୀର ବାରୁଆଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସୂଚନାଯୋଗ୍ୟ ବିଗତ ଦୁଇବର୍ଷ ୨୦୨୪-୨୫ ଧରି ସେ ଜଣ୍ଡିସ ରୋଗରେ ଆକ୍ରାନ୍ତ ଥିଲେ ଏବଂ ଗତ ଜୁନ ୬ ତାରିଖରେ ତାଙ୍କର ସ୍ୱାସ୍ଥ୍ୟ ଅତି ଖରାପ ହେବାରୁ ତାଙ୍କୁ ବୁର୍ଲା ମେଡ଼ିକାଲରେ ଭର୍ତ୍ତି କରଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା। ମୃତ୍ୟୁବେଳକୁ ତାଙ୍କୁ ୫୪ ବର୍ଷ ବୟସ ହୋଇଥିଲା।

**କମ୍ରେଡ୍ ଫକୀର ମୋହନ ବାରୁଆ**
**ଲାଲ ସଲାମ**

# କରଞ୍ଜିଆ ଘୂର୍ଣ୍ଣିଝଡ଼ କ୍ଷତିଗ୍ରସ୍ତଙ୍କ ଦାବିରେ ଦିବାରାତ୍ରୀ କ୍ରମାଗତ ତିନି ଦିନ ଧାରଣା



ମାର୍ଚ୍ଚ ୧୫ ତାରିଖ କରଞ୍ଜିଆ ବ୍ଲକ ଦରି, ବଳା, ତାଟ, ବାଟପଲସା ଆଦି ପଂଚାୟତରେ ଭୟଙ୍କର ଘୂର୍ଣ୍ଣିବାତ୍ୟାରେ ପାଞ୍ଚ ଜଣ ପ୍ରାଣ ହରାଇବା ସଙ୍ଗେ ସଙ୍ଗେ ବହୁ ଲୋକ ଆହତ ହୋଇଥିଲେ ଓ ବହୁ ଘର, ବ୍ୟବସାୟ ପ୍ରତିଷ୍ଠାନ, ଫସଲ, ମୂଲ୍ୟବାନ ଗଛ ଧ୍ୱଂସ ପ୍ରାପ୍ତ ହୋଇଥିଲା। ସରକାରୀ ସାହାଯ୍ୟ ପହଞ୍ଚିଲା ସମୁଦ୍ରକୁ ସଙ୍ଖେ। ପୁଣି ସେଥିରେ ଶହ ଶହ କ୍ଷତିଗ୍ରସ୍ତ ଲୋକଙ୍କର ନାଁ ନାହିଁ। ଏହି ପରିସ୍ଥିତିରେ କ୍ଷତିଗ୍ରସ୍ତ ଜନସାଧାରଣ ଏକଜୁଟ ହୋଇ ପୂର୍ବତନ ବିଧାୟକ ଶମ୍ଭୁନାଥ ନାୟକଙ୍କ ନେତୃତ୍ୱରେ ସଂଗ୍ରାମ କମିଟି ଗଠନ କଲେ। ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ପରିଚାଳିତ ହେବାପରେ ଏପ୍ରିଲ ସାତ ତାରିଖ କରଞ୍ଜିଆ ତହସିଲ ଓ ବିଡ଼ିଓ ଅଫିସ ସମ୍ମୁଖ ରେ ଅନୁଷ୍ଠିତ ହେଲା ବିଶାଳ ଗଣବିକ୍ଷୋଭ। ସରକାର ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇ କାଳକ୍ଷେପଣ ନୀତି ଅବଲମ୍ବନ କଲେ। ସେଥିପାଇଁ ଜୁନ ୩ ରୁ ୬ ତାରିଖ ପର୍ଯ୍ୟନ୍ତ ଦିବା ରାତ୍ରୀ ଧାରଣାରେ ବସିଲେ ହଜାର ହଜାର କ୍ଷତିଗ୍ରସ୍ତ ଜନସାଧାରଣ। ବିକ୍ଷୋଭକାରୀମାନେ କରଞ୍ଜିଆ ମାଣିକ ଛକଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଆସି କରଞ୍ଜିଆ ତହସିଲ ଅଫିସ୍ ସମ୍ମୁଖରେ ତିନି ଦିନ ତିନି ରାତି ଧାରଣାରେ ବସି ଥିଲେ। ସରକାରଙ୍କ ତରଫରୁ ଉପଜିଲ୍ଲାପାଳ ଓ ତହସିଲଦାର ବିକ୍ଷୋଭ ସ୍ଥଳକୁ ଆସି ଆନ୍ଦୋଳନକାରୀ ମାନଙ୍କ ସହିତ ସେମାନଙ୍କର ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଦାବି ପୂରଣ ନକଲେ ଆନ୍ଦୋଳନକାରୀମାନେ ଆହୁରି ଶକ୍ତିଶାଳୀ ଆନ୍ଦୋଳନ ଗଢିତୋଳିବାକୁ ଚେତାବନୀ ଦେଇଥିଲେ। ଯଶିପୁରର ପୂର୍ବତନ ବିଧାୟକ କମ୍ରେଡ୍ ଶମ୍ଭୁନାଥ ନାଏକ, ଏସୟୁସିଆଇ(କମ୍ୟୁନିଷ୍ଟ) ନେତା କମ୍ରେଡ୍ ଲଳିତ ମହାନ୍ତ, ଦ୍ରୌପଦୀ ମହାନ୍ତଙ୍କ ସମେତ ସଞ୍ଜୟ ବିଶ୍ୱାଳ, କାର୍ଜୀ ମଢେଇ, ସୁଷମା ନାଏକ, ଝୁନୁ ନାଏକ, ପଦ୍ମିନୀ ନାଏକ, ଶର୍ମିଷ୍ଠା ପରିଡ଼ା, ପ୍ରତିମା ମହାନ୍ତ, ଗୋଲାପ ମୁର୍ମୁ, କୁମୁଦିନି ନାଏକ, ରାଜେନ୍ଦ୍ର ପରିହା, ବବିତା ରାଣୀ ନାଏକ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।



# କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ବିକ୍ଷୋଭ

ଅନୁଗୁଳ ଜିଲ୍ଲାର କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭେଷଜ, ଶିଶୁ ରୋଗ, ସ୍ତ୍ରୀ ଓ ପ୍ରସୂତି, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରିବା, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ପଦବୀ ପୂରଣ କରିବା, ଏକ୍ସରେ, ଅଲଟ୍ରାସାଉଣ୍ଡ ମେସିନ୍ ସ୍ଥାପନ କରିବା, ଶଯ୍ୟା ସଂଖ୍ୟା ବୃଦ୍ଧି କରିବା, ରୋଗୀମାନଙ୍କ ଚିକିତ୍ସା ପାଇଁ ବିଭିନ୍ନ ପ୍ରକାରର ପରୀକ୍ଷା ଉପକରଣ ଯୋଗାଇଦେବା, ଡାକ୍ତର ନର୍ସ କର୍ମଚାରୀ ମାନଙ୍କ ପାଇଁ ଷ୍ଟାଫ କ୍ୱାର୍ଟର ନିର୍ମାଣ କରିବା, ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦାବିରେ ଜୁନ ୨୩ ତାରିଖରେଏସ୍‌ୟୁସିଆଇ(କମ୍ୟୁନିଷ୍ଟ) କିଶୋରନଗର ଆଂଚଳିକ କମିଟି ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

# ତ୍ରୁଟିପୂର୍ଣ୍ଣ ସ୍କୁଲ ପାଠ୍ୟପୁସ୍ତକ ପ୍ରତ୍ୟାହାର, ଚଳିତ ଶିକ୍ଷାବର୍ଷରେ ପୁରୁଣା ପୁସ୍ତକରେ ଶିକ୍ଷାଦାନ ଓ ନୂଆ ଭାଷାନୀତି ପ୍ରତ୍ୟାହାର ଦାବିରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ

# ରାଜ୍ୟବ୍ୟାପୀ ପ୍ରତିବାଦ







ଏନସିଇଆରଟି ପୁସ୍ତକକୁ ଅନୁବାଦ କରି ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ମାନଙ୍କପାଇଁ ପ୍ରଣୟନ କରାଯାଇଥିବା ତ୍ରୁଟିପୂର୍ଣ୍ଣ ଓ ଅବୈଜ୍ଞାନିକ ପାଠ୍ୟପୁସ୍ତକ ତୁରନ୍ତ ପ୍ରତ୍ୟାହାର କରି ଚଳିତ ବର୍ଷ ପୁରୁଣା ପାଠ୍ୟପୁସ୍ତକରେ ଶିକ୍ଷାଦାନ ସହିତ ଇଂରାଜୀ ଓ ମାତୃଭାଷାର ଗୁରୁତ୍ୱ ହ୍ରାସ କରିବାପାଇଁ ଉଦ୍ଦିଷ୍ଟ ନୂଆ ଭାଷାନୀତି ପ୍ରତ୍ୟାହାର ତଥା ନୂଆ ଶିକ୍ଷାନୀତି - ୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରିବା ଦାବିରେ ଏସୟୁସିଆଇ(କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ୩୦ ଜୁନ୍ ଦିନ ସାରା ଓଡ଼ିଶା ପ୍ରତିବାଦ ଦିବସ ପାଳନ ପାଇଁ ଆହ୍ୱାନ ଦିଆଯାଇଥିଲା। ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ପାର୍ଟି ରାଜ୍ୟ କମିଟି ପକ୍ଷରୁ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଆହ୍ୱାନ ଦିଆଯାଇଛି। ପାର୍ଟି ପକ୍ଷରୁ କୁହାଯାଇଛି ଯେ ହଜାର ହଜାର ସଂଖ୍ୟାରେ ଗୁରୁତର ଭାଷାଗତ ଓ ଅନ୍ୟାନ୍ୟ ତ୍ରୁଟି ଥିବା ଓ ଅତ୍ୟନ୍ତ ଅବୈଜ୍ଞାନିକ ପାଠ୍ୟକ୍ରମ ରହିଥିବା ପୁସ୍ତକ ପ୍ରଣୟନ କରି ଏବଂ ସେହି ତ୍ରୁଟିପୂର୍ଣ୍ଣ ପୁସ୍ତକ ପଢ଼ିବାପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ବାଧ୍ୟ କରି ରାଜ୍ୟ ଓ କେନ୍ଦ୍ର ସରକାର ଯୋଜନାବଦ୍ଧ ଭାବରେ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ନଷ୍ଟ କରୁଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଏନସିଇଆରଟି ଦ୍ୱାରା ପ୍ରକାଶିତ ପୁସ୍ତକ ମାନଙ୍କରେ ମଧ୍ୟ ସମାନ ଧରଣର ପାଠ୍ୟକ୍ରମ ସ୍ଥାନିତ କରାଯିବା ଫଳରେ ସମଗ୍ର ଦେଶର ସ୍କୁଲ ଶିକ୍ଷା ଧ୍ୱଂସ ମୁଖରେ ପଡିବ। ଏହାବ୍ୟତୀତ ଇଂରାଜୀ ଓ ମାତୃଭାଷାକୁ ଇଚ୍ଛାଧୀନ ବିଷୟ କରି ପିଲାମାନଙ୍କ ଭାଷା ଶିକ୍ଷାକୁ ମାରିଦେବା ଜରିଆରେ ଆଗାମୀ ପିଢ଼ିକୁ ଚିନ୍ତାଗତ ଭାବରେ ପଙ୍ଗୁ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଷଡ଼ଯନ୍ତ୍ର କରୁଛି ବୋଲି ପାର୍ଟି ପକ୍ଷରୁ ପ୍ରକାଶ କରାଯାଇଛି। ଏହା ସଙ୍ଗେସଙ୍ଗେ ଚୂଡାନ୍ତ ଜନବିରୋଧି ନୂଆ ଶିକ୍ଷାନୀତି - ୨୦୨୦ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବି କରାଯାଇଛି। ରାଜ୍ୟ କମିଟିର ଆହ୍ୱାନ କ୍ରମେ ବୈପାରିଗୁଡା, ଗଞ୍ଜାମ, ପୁରୀ, ଭୁବନେଶ୍ୱର, ଡେଲାଙ୍ଗ, ଖୋର୍ଦ୍ଧା, କଟକ, ଜଗତସିଂପୁର ଜିଲ୍ଲାର ନାଉଗାଁ, ବିରିଡ଼ି, ରଘୁନାଥପୁର, ଯାଜପୁର ଜିଲ୍ଲାର ବିଂଝାରପୁର, ଦଶରଥପୁର, ଯାଜପୁର ରୋଡ୍, ଜାରକା, ଯାଜପୁର ଟାଉନ, ଭଦ୍ରକ, ବାଲେଶ୍ୱର, ଯଶିପୁର, ଅନୁଗୁଳ, ବଲାଙ୍ଗୀର, ରାଉରକେଲା ପ୍ରଭୃତି ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।







# ଧୌରାପାଲି ବିଦ୍ୟୁତ୍ ସବ୍ ଷ୍ଟେସନ ସମ୍ମୁଖରେ ଏଆଇଇସିଏ ପକ୍ଷରୁ ବିକ୍ଷୋଭ

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ଅଘୋଷିତ ଘନ ଘନ ବିଦ୍ୟୁତ କାଟ ବନ୍ଦ କରିବା, ସ୍ମାର୍ଟ ମିଟର ଲଗାଇବା ବନ୍ଦ କରିବା, ଲଗାଯାଇଥିବା ସ୍ମାର୍ଟ ମିଟର ଅବିଳମ୍ବେ ପ୍ରତ୍ୟାହାର କରିବା, ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ ବିଦ୍ୟୁତ ମାଗଣାରେ ଯୋଗାଇ ଦେବା,ଅତିରିକ୍ତ ସୁରକ୍ଷା ଜମା ଆଦାୟ ଓ ବିଦ୍ୟୁତ ଶୁଳ୍କ ବୃଦ୍ଧି ବନ୍ଦ କରିବା ପ୍ରତିବାଦରେ ଅଲ୍ ଇଣ୍ଡିଆ ବିଦ୍ୟୁତ୍




ଉପଭୋକ୍ତା ଆସୋସିଏସ୍‌ନ ପକ୍ଷରୁ ଧୌରାପାଲି ସ୍ଥିତ ବିଦ୍ୟୁତ ସବ୍ ଷ୍ଟେସନ ସମ୍ମୁଖରେ ବିଦ୍ୟୁତ ଉପଭୋକ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିକ୍ଷୋଭ ସ୍ଥଳରେ ଏଆଇଇସିଏର ଜିଲ୍ଲା ଆବାହକ ତୀର୍ଥବାସୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟୁତ୍ ଉପଭୋକ୍ତା ସଂଗଠନର ରମେଶ ଲୁହା, ଯୋଗୀନ୍ଦ୍ର ବିଶ୍ୱାଳ, ଗୌର ଚନ୍ଦ୍ର ସାହୁ, ରମଣୀ ରଞ୍ଜନ ପ୍ରଧାନ, ପିତାମ୍ବର ପ୍ରଧାନ, ଲକ୍ଷ୍ମଣ ବେହେରା, ଅସିତ୍ ମୁଣ୍ଡା, ରବୀନ୍ଦ୍ର ସାହୁ, ସଚ୍ଚିଦାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ଦାବି ପୂରଣ ପାଇଁ ସରକାରଙ୍କୁ ଆହ୍ୱାନ ଦେଇଥିଲେ। ରାଜ୍ୟ ଶକ୍ତି ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ସମ୍ବଳିତ ଦାବି ପତ୍ର ପ୍ରଦାନ କରାଯାଇଥିଲା। ★★★

# ସମସ୍ତଙ୍କ ପାଇଁ ଯଥାର୍ଥ ମାଗଣା ଶିକ୍ଷା ପ୍ରଚଳନ, ସମ୍ପୂର୍ଣ୍ଣ ତ୍ରୁଟିମୁକ୍ତ ଓ ଉପଯୁକ୍ତ ପାଠ୍ୟପୁସ୍ତକ ପ୍ରକାଶନ ଦାବିରେ ଆନ୍ଦୋଳନ ଗଢି ତୋଳିବାକୁ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ଆହ୍ୱାନ

ବିଜେପି ନେତୃତ୍ୱରେ ପରିଚାଳିତ ରାଜ୍ୟ ଡବଲ ଇଞ୍ଜିନ ସରକାର କେଜି ରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ଦେବାପାଇଁ କରିଥିବା ଘୋଷଣା ପରିପ୍ରେକ୍ଷୀରେ ଏସୟୁସିଆଇ(କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ ସମ୍ପାଦକ କମ୍ରେଡ୍ ଶଙ୍କର ଦାଶଗୁପ୍ତ ଜୁଲାଇ ୬ ତାରିଖରେ ଜାରୀ ଏକ ପ୍ରେସ ଇସ୍ତାହାରରେ କହିଛନ୍ତି ଯେ - ତଥାକଥିତ 'ଜ୍ଞାନୋଦୟ ଶିକ୍ଷାରୁ ସମୃଦ୍ଧି' ଯୋଜନା ଅଧିନରେ ରାଜ୍ୟ ସରକାର କେଜି ସ୍ତରରୁ ପିଜି ପର୍ଯ୍ୟନ୍ତ 'ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ' କରିବେ ବୋଲି ସମ୍ପ୍ରତି ରାଜ୍ୟ କ୍ୟାବିନେଟର ୪୩ ତମ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବିଷୟ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶିତ ହୋଇଛି। ଉକ୍ତ ଖବର ଅନୁଯାୟୀ ସେଲ୍ଫ ଫାଇନାନସିଂ ପାଠ୍ୟକ୍ରମ, ବେସରକାରୀ ଅଣ ଅନୁଦାନପ୍ରାପ୍ତ ଶିକ୍ଷାନଷ୍ଠାନ, ପିପିପି ମୋଡରେ ଚାଲିଥିବା ଶିକ୍ଷାନୁଷ୍ଠାନ ଓ ପାଠ୍ୟକ୍ରମ ଏବଂ ବୃତ୍ତିଗତ ଓ ବୈଷୟିକ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଏହି ଯୋଜନାର ପରିସରଭୁକ୍ତ କରିବାପାଇଁ ସରକାରୀ ସିଦ୍ଧାନ୍ତ ହୋଇନାହିଁ। ଅନ୍ୟଦିଗରେ, ଓଡିଆ ଅସ୍ମିତାର ପ୍ରଚାର କରୁଥିବା ବର୍ତ୍ତମାନର ରାଜ୍ୟ ସରକାର ଅତୀତର ସରକାର ମାନଙ୍କ ଭଳି କ୍ରମାଗତ ସରକାରୀ ଓଡିଆ ମାଧ୍ୟମ ବିଦ୍ୟାଳୟ ବନ୍ଦ କରି, ଏପର୍ଯ୍ୟନ୍ତ ଖୋଲାଥିବା ସରକାରୀ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଶିକ୍ଷକ, ଅଧ୍ୟାପକ ନିଯୁକ୍ତି ବ୍ୟାପକ ସଂଖ୍ୟାରେ ହ୍ରାସ କରି ଏବଂ ସରକାରୀ ଶିକ୍ଷକମାନଙ୍କୁ ବର୍ଷ ସାରା ବିଭିନ୍ନ ଅଣଶୈକ୍ଷିକ କାମରେ ବାଧ୍ୟତାମୂଳକ ଭାବରେ ନିଯୁକ୍ତ କରି, ସରକାରୀ ଶିକ୍ଷା ବ୍ୟବସ୍ଥାକୁ କାର୍ଯ୍ୟତଃ ଧ୍ୱଂସ କରିଛନ୍ତି। ପରିଣାମତଃ ସରକାରୀ ଶିକ୍ଷାନୁଷ୍ଠାନରେ ପାଠ ପଢିବା ପାଇଁ ଇଚ୍ଛୁକ ଛାତ୍ରଛାତ୍ରୀମାନେ ବାଧ୍ୟହୋଇ ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନରେ ମାତ୍ରାତିରିକ୍ତ ବ୍ୟୟଭାର ବହନ କରି ପାଠ ପଢୁଛନ୍ତି। ପୁନଶ୍ଚ, ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ଶିକ୍ଷାକୁ ସର୍ବସ୍ତରରେ (କେ.ଜି ରୁ ପି.ଜି) ଦ୍ରୁତ ଗତିରେ ଘରୋଇକରଣ କରାଯାଉଛି। ତେଣୁ ସରକାର ଘୋଷଣା କରିଥିବା ସମସ୍ତଙ୍କ ପାଇଁ ମାଗଣା ଶିକ୍ଷା ଯେ ଡବଲ ଇଞ୍ଜିନ ବିଜେପି ସରକାରଙ୍କ ଆଉ ଏକ ଜୁମଲା ତା' ଏଥିରୁ ଅତ୍ୟନ୍ତ ସ୍ପଷ୍ଟ। ଆହୁରି ମଧ୍ୟ ମାଗଣା ଶିକ୍ଷାର ଯଥାର୍ଥ ଅର୍ଥ କେବଳ ମାତ୍ର ନାମ ଲେଖା ଫି ଛାଡ କରିବା ନୁହେଁ; ଏହା ହେଉଛି, ସମସ୍ତ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନଙ୍କୁ ଶିକ୍ଷାର ସମସ୍ତ ବ୍ୟୟଭାର ଓ ଆର୍ଥିକ ଦାୟରୁ ମୁକ୍ତ କରିବା - ଯାହା ସରକାରୀ ନିଷ୍ପତ୍ତିରେ ନାହିଁ ।

ଯେତେବେଳେ ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରକାଶିତ ବହି ଗୁଡ଼ିକରେ ବହୁ ବନାନ, ବ୍ୟାକରଣଗତ ଓ ତଥ୍ୟଗତ ତ୍ରୁଟି ସହିତ ଇଚ୍ଛାକୃତଭାବେ ବହୁ ଅବୈଜ୍ଞାନିକ, ଅନୈତିହାସିକ ଓ କୁସଂସ୍କାର ମୂଳକ ବିକୃତ ଧାରଣା ସ୍ଥାନିତ କରାଯାଇଛି ଏବଂ ଏହା ବିରୁଦ୍ଧରେ ବ୍ୟାପକ ଜନମତ ଓ ପ୍ରତିବାଦ ଆନ୍ଦୋଳନ ଗଢି ଉଠୁଛି, ସେତେବେଳେ ସମସ୍ତଙ୍କ ପାଇଁ ମାଗଣା ଶିକ୍ଷାର ପ୍ରଚାର ଯେ ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରିବା ଓ ସେମାନଙ୍କ ଦୃଷ୍ଟି ଅନ୍ୟତ୍ର ଅପସାରିତ କରିବା ପାଇଁ ଏକ ଦୂରଭିସନ୍ଧି ମୂଳକ ପଦକ୍ଷେପ ତାହା ଅତ୍ୟନ୍ତ ସ୍ପଷ୍ଟ। ଏଣୁ ଏହି ପରିସ୍ଥିତିରେ ସମସ୍ତଙ୍କ ପାଇଁ ଯଥାର୍ଥ ମାଗଣା ଶିକ୍ଷା ପ୍ରଚଳନ, ସମ୍ପୂର୍ଣ୍ଣ ତ୍ରୁଟି ମୁକ୍ତ ଓ ଉପଯୁକ୍ତ ପାଠ୍ୟପୁସ୍ତକ ପ୍ରକାଶନ ଦାବିରେ ସାମଗ୍ରିକଭାବେ ସରକାରୀ ଶିକ୍ଷାମାରଣ ନୀତି ଓ ପଦକ୍ଷେପ ବିରୁଦ୍ଧରେ ବ୍ୟାପକ ଜନଆନ୍ଦୋଳନ ଗଢି ତୋଳିବା ପାଇଁ ଆଗେଇ ଆସିବାକୁ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ସମ୍ପାଦକ କମ୍ରେଡ୍ ଶଙ୍କର ଦାଶଗୁପ୍ତ ନିବେଦନ କରିଛନ୍ତି । ★★★

# ରାଜ୍ୟ ଡବଲ ଇଞ୍ଜିନ ସରକାରର ପ୍ରତାରଣା ଓ ପ୍ରବଞ୍ଚନାର ଦୁଇବର୍ଷ

ଚଳିତ ଜୁନ ୧୨ ତାରିଖରେ ରାଜ୍ୟ ବିଜେପି ସରକାର କ୍ଷମତାରେ ଦୁଇବର୍ଷ ପୂରଣ କରିଛି । ରାଜ୍ୟ ସରକାରର ଦୁଇବର୍ଷ ପୂର୍ତ୍ତି ଉତ୍ସବକୁ ଏକ ବଡ଼ ଇଭେଣ୍ଟ ରେ ପରିଣତ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ଓ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ମନ୍ତ୍ରୀମଣ୍ଡଳର ବହୁ ମନ୍ତ୍ରୀଙ୍କ ଉପସ୍ଥିତିରେ ନିଜ ଗାଁ ମୟୂରଭଞ୍ଜ ଜିଲ୍ଲାର ପାହାଡପୁରଠାରେ ଜୁନ ୨୦ ତାରିଖରେ ତାଙ୍କ ଜନ୍ମଦିନ ମହାସମାରୋହରେ ପାଳନ କରିଛନ୍ତି । ଏହି କାର୍ଯ୍ୟକ୍ରମ ସ୍ୱାଭାବିକ ଭାବରେ ଜାତୀୟ ଗଣମାଧ୍ୟମରେ ବ୍ୟାପକ ଭାବରେ ଚର୍ଚ୍ଚିତ ହୋଇଛି ।

ଏହି ଉପଲକ୍ଷେ ଆୟୋଜିତ ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ ଅନ୍ୟାନ୍ୟ ବିଷୟ ବ୍ୟତୀତ କହିଛନ୍ତି ଯେ, ଆଜି ରାଷ୍ଟ୍ରପତିଙ୍କ ଜନ୍ମଦିବସ ପାଳିତ ହେଉଥିବାବେଳେ ରଜ ପରେ ଓଡ଼ିଶା ଉତ୍ସବମୁଖର । ଦେଶରେ ଲୋକତନ୍ତ୍ରର ବିକାଶର ଉତ୍ସବ ଚାଲିଛି । ତେବେ ପ୍ରଧାନମନ୍ତ୍ରୀଙ୍କ ବର୍ଣ୍ଣିତ ଉତ୍ସବମୁଖର ଓଡ଼ିଶାରେ ଲୋକତନ୍ତ୍ରର ବିକାଶର ମହୋତ୍ସବ ଚାଲିଥିଲା ବେଳେ ଯେ ରାଜ୍ୟର ଲକ୍ଷ ଲକ୍ଷ ବୃଦ୍ଧ, ବୃଦ୍ଧା, ଶାରୀରିକ ଭାବରେ ଅସମର୍ଥ ଲୋକ ୪ ମାସ ଧରି ଭତ୍ତା ଗଣ୍ଡାକ ନପାଇ ହା ହୁତାସ କରୁଥିଲେ, ରଜ ସମୟରେ ହିଁ ମୟୂରଭଞ୍ଜ ଜିଲ୍ଲାରେ ୫ ଜଣ କିଶୋରୀ ନିର୍ମମ ବଳାତ୍କାରର ଶିକାର ହୋଇଥିଲେ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ବହିରେ ଅସଂଖ୍ୟ ତ୍ରୁଟି ଓ ସମ୍ପୂର୍ଣ୍ଣ ଅବୈଜ୍ଞାନିକ ପାଠ୍ୟକ୍ରମ ପ୍ରଚଳନ ଯୋଗୁ ଲକ୍ଷ ଲକ୍ଷ ଛାତ୍ର ଛାତ୍ରୀ ଓ ସେମାନଙ୍କ ଅଭିଭାବକ ମାନେ ସମ୍ପୂର୍ଣ୍ଣ ଅନିଶ୍ଚିତତା ମଧ୍ୟରେ ରହିଥିଲେ, ରାଜ୍ୟରେ ଗୋଟିଏ ପରେ ଗୋଟିଏ ଭିଡ଼ ହିଂସା ଘଟି ଚାଲିଥିଲା, ବର୍ଷା ଅଭାବରୁ ଆକାଶକୁ ଚାହିଁ ଚାହିଁ ଚାଷୀ ନିଜ ପିଲା ଛୁଆଙ୍କ ଭବିଷ୍ୟତ ସମ୍ପର୍କରେ ଚିନ୍ତିତ ହେଉଥିଲା, ରାୟଗଡାଠାରେ ଜନୈକା ଗବେଷିକାଙ୍କୁ ସର୍ବସମ୍ମୁଖରେ ମାଡ ମାରି ବିବସ୍ତ୍ର କରିବାଭଳି ଘଟଣା ଘଟୁଥିଲା ସେକଥା ନିଶ୍ଚିତ ପ୍ରଧାନମନ୍ତ୍ରୀଙ୍କ ନଜର ଏଡାଇ ଯାଇନଥିବ । ଅନ୍ୟ ଦିଗରେ ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ ନିଜ ସରକାରର ଦୁଇବର୍ଷର ସଫଳତାର କାହାଣୀ ପରସିବା ପରେ ଦାବି କଲେ ଯେ ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାରେ ବିପୁଳ ପୁଞ୍ଜି ବିନିଯୋଗ ଓ ବ୍ୟାପକ ଶିଳ୍ପାୟନ ଫଳରେ ଘଟିଥିବା ବିକାଶର ଫଳଶ୍ରୁତିରେ ଓଡ଼ିଶାକୁ ଓଲଟା ପଳାୟନ (Reverse Migration) ଆରମ୍ଭ ହୋଇଯାଇଛି । ଅର୍ଥାତ୍ ଓଡ଼ିଶାରେ ଏତେ ସଂଖ୍ୟକ ଆକର୍ଷଣୀୟ କର୍ମନିଯୁକ୍ତି ସୃଷ୍ଟି ହେଇଛି ଯେ ଅନ୍ୟ ରାଜ୍ୟରେ କାମ କରିବାପାଇଁ ଯାଇଥିବା ପ୍ରବାସୀ ଶ୍ରମିକ ମାନେ ରାଜ୍ୟକୁ ଫେରି ଆସିବା ପ୍ରକ୍ରିୟା ଆରମ୍ଭ ହୋଇଛି । ଅବଶ୍ୟ ସେତେବେଳେ ତାମିଲନାଡୁର ଏକ ଚିଙ୍ଗୁଡ଼ି ପ୍ରକ୍ରିୟାକରଣ କାରଖାନାରେ ଆମୋନିଆ ଗ୍ୟାସ ନିର୍ଗତ ହୋଇ ତାଙ୍କ ଗୃହ ଜିଲ୍ଲା କେଉଁଝରର ତେଲକୋଇ ଓ ହରିଚନ୍ଦନପୁର ବ୍ଲକର ଶତାଧିକ ଜୁଆଙ୍ଗ ମହିଳା ଏପରିକି ବହୁ ଅପ୍ରାପ୍ତବୟସ୍କା ତରୁଣୀ ଗୁରୁତର ଭାବରେ ଅସୁସ୍ଥ ହେବା ଓ ଆଜି ପର୍ଯ୍ୟନ୍ତ ୧୪ ଜଣ ମୃତ୍ୟୁ ମୁଖରେ ପଡ଼ିବା ଘଟଣା ଘଟି ନଥିଲା ।

ଏଠାରେ ପାଠକ ମାନଙ୍କୁ ସ୍ମରଣ କରାଇଦେବାକୁ ଚାହୁଁ ଯେ ୨୦୨୪ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟର ସମସ୍ତ ସ୍ତରର ସଧାରଣ ଲୋକଙ୍କର ସର୍ବାଙ୍ଗୀନ ଉନ୍ନୟନର ସୁନେଲି ସ୍ୱପ୍ନ ଦେଖାଇ ବିଜେପି ଦଳ ଶାସକ ବିଜେଡି ଦଳକୁ କ୍ଷମତାଚ୍ୟୁତ କରି ରାଜ୍ୟରେ କ୍ଷମତା ଦଖଲ କରିଥିଲା । ସେତେବେଳେ ସ୍ଲୋଗାନ ଦିଆଯାଉଥିଲା ଡବଲ ଇଞ୍ଜିନ ସରକାର ଅର୍ଥ ଡବଲ ବିକାଶ । ଆଜି ଏହି ଡବଲ ଇଞ୍ଜିନ ସରକାରର ଦୁଇବର୍ଷ ପୂର୍ତ୍ତି ଅବସରରେ ବିଜେପି ଦଳ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ନାନାଧରଣର ବିଭ୍ରାନ୍ତିକର ପ୍ରଚାର ଚାଲିଥିଲାବେଳେ ବିଜେପି ଦଳ ପକ୍ଷରୁ ଦିଆଯାଇଥିବା ନିର୍ବାଚନୀ ପ୍ରତିଶ୍ରୁତି କେତେଦୂର ପାଳନ ହୋଇଛି ଏବଂ ରାଜ୍ୟରେ ବହୁ ପ୍ରଚାରିତ ପରିବର୍ତ୍ତନ କେତେ ଲୋକାଭିମୁଖୀ ହୋଇଛି ତାର ବସ୍ତୁନିଷ୍ଠ ଆକଳନ କରିବାର ସମୟ ଉପନୀତ ହୋଇଛି ବୋଲି ଆମେ ମନେକରୁ । ଏହି ଉଦ୍ଦେଶ୍ୟରେ ଏଠାରେ କେତେକ ବିଷୟ ଅତ୍ୟନ୍ତ ସଂକ୍ଷେପରେ ଆଲୋଚନା କରାଯାଇଛି । ଆସନ୍ତୁ ଦେଖିବା ୨୦୨୪ ବିଧାନ ସଭା ନିର୍ବାଚନ ଅବ୍ୟବହିତ ପୂର୍ବରୁ 'ମୋଦି ଗ୍ୟାରେଣ୍ଟି ' ଓ 'ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା – ୨୦୩୬ ଓ ଏହାର ପରବର୍ତ୍ତୀ ସମୟ ପାଇଁ ଏକ ଭିଜନ' ଶିରୋନାମାରେ ପ୍ରକାଶିତ ବିଜେପିର ନିର୍ବାଚନ ଇସ୍ତାହାର କେତେଦୂର କାର୍ଯ୍ୟକାରୀ ହୋଇଛି ।

**କୃଷି, ପ୍ରଚାର ଓ ବାସ୍ତବତା –**

କୃଷି ପ୍ରଧାନ ଓଡ଼ିଶାରେ କୃଷକ ମାନଙ୍କ ସମୃଦ୍ଧି ପାଇଁ ବିଜେପି ପକ୍ଷରୁ ଦିଆଯାଉ ଥିବା ନିର୍ବାଚନୀ ପ୍ରତିଶ୍ରୁତି ମଧ୍ୟରେ ମୁଖ୍ୟ ଥିଲା ରାଜ୍ୟରେ ଉତ୍ପାଦିତ ହେଉଥିବା ସମସ୍ତ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦରରେ ମଣ୍ଡି ଜରିଆରେ ସରକାର ଖରିଦ କରିବେ । ଅର୍ଥାତ୍ ରାଜ୍ୟରେ ଉତ୍ପାଦିତ ହେଉଥିବା ପ୍ରତିଟି କ୍ୱିଣ୍ଟାଲ ଧାନ ପାଇଁ ରାଜ୍ୟ ସରକାର ୮୦୦ଟଙ୍କା ଲେଖାଏଁ ବୋନସ ଦେବେ । ଏହା ବ୍ୟତୀତ ମଣ୍ଡିରେ ଧାନ ବିକ୍ରି କରିବାର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ୍ ଖାତାରେ ଟଙ୍କା ଜମା କରିବା, ମଣ୍ଡି ମାନଙ୍କରେ ଚାଷୀ ମାନଙ୍କ ବିଶ୍ରାମ ଓ ରାତ୍ରୀ ରହଣି ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବା, ମଣ୍ଡି ଗୁଡିକୁ ଦଲାଲ ମୁକ୍ତ କରିବା ଓ ସର୍ବୋପରି କଟନି ଛଟନି ସମ୍ପୂର୍ଣ୍ଣ ବନ୍ଦ କରିବାପାଇଁ ବିଜେପି ଦଳ ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲା ।

ତେବେ ଚଳିତବର୍ଷ ମଣ୍ଡି ମାନଙ୍କରେ ଚାଷୀଙ୍କ ଦୁରବସ୍ଥା,ଏପରିକି ପ୍ରବଳ ଗରମ ଓ ଗୁଳୁଗୁଳିରେ ଦିନଦିନ ଧରି ମଣ୍ଡିରେ ଅପେକ୍ଷା କରି ଚାଷୀଙ୍କ ମୃତ୍ୟୁ, ଧାନ ଅମଳ ହେବାର ବହୁ ଦିନପରେ ମଣ୍ଡି ଖୋଲିବା, ଟୋକନ ପାଇଁ ମାସ ମାସ ଅପେକ୍ଷା, ଟୋକନ ପାଇବା ପରେ ବି ଧାନ ମପେଇବା ପାଇଁ ଦୀର୍ଘ ପ୍ରତୀକ୍ଷା, ଟୋକନ ପାଇଁ ଆବେଦନ ପ୍ରକ୍ରିୟାକୁ ଉଦ୍ଦେଶ୍ୟମୂଳକ ଓ ଅହେତୁକ ଭାବରେ ଜଟିଳ କରିବା, ହଜାର ହଜାର ଲୋକ ଟୋକନ ପାଇ ମଧ୍ୟ ଶେଷ ପର୍ଯ୍ୟନ୍ତ ମଣ୍ଡିରେ ଧାନ ଦେଇ ନପାରିବା, ସରକାରୀ ଦଳ ଓ ସରକାରୀ କଳର ସଲା ସୁତୁରାରେ ମଣ୍ଡିରେ ମିଲର ମାନଙ୍କର ସ୍ୱେଚ୍ଛାଚାର, ଏଫ୍ଏକ୍ୟୁ ମାନ ନିଶ୍ଚିତ କରିବା ଆଳରେ ପୂର୍ବାପେକ୍ଷା ମଧ୍ୟ ଅଧିକ ପରିମାଣର, ସ୍ଥଳ ବିଶେଷରେ କ୍ୱିଣ୍ଟାଲରେ ୧୦ କିଲୋ କଟନି ଛଟନି, ଧାନ ଦେବାପରେ ଟଙ୍କା ପାଇଁ ମାସ ମାସ ଅପେକ୍ଷା, ଚାଷୀ ମାନଙ୍କୁ ସରକାରଙ୍କ ଦ୍ୱାରା ଘୋଷିତ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରୁ ବଂଚିତ କରିବାପାଇଁ ଧାନ ଖରିଦ ସମୟରେ ନୂଆ ନୂଆ ସରକାରୀ ନିର୍ଦ୍ଦେଶ ନାମା ପ୍ରଣୟନ, ଏପରିକି ମଣ୍ଡିରେ ଧାନ ବିକ୍ରି କରି ନପାରି ହତାଶାଗ୍ରସ୍ତ ଚାଷୀଙ୍କ ଆତ୍ମହତ୍ୟା ଓ ଧାନର ବ୍ୟାପକ ଅଭାବୀ ବିକ୍ରି ସଂକ୍ରାନ୍ତ ଖବରରେ ଏ ବର୍ଷ ଖବର କାଗଜ ମାନଙ୍କ ପୃଷ୍ଠା ଭରି ଯାଇଥିଲା । ତେବେ ଯେତିକି ଅବ୍ୟବସ୍ଥାର ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା ତାହା ଥିଲା ବାସ୍ତବତା ତୁଳନାରେ ଖୁବ୍ କମ୍ ।

ଏହା ବ୍ୟତୀତ ଚାଷୀ ମାନଙ୍କ ଆୟ ବୃଦ୍ଧି କରିବାପାଇଁ କୃଷି ଯନ୍ତ୍ରପାତି ଉପରେ ଶତକଡ଼ା ୮୦ ରୁ ୮୫ ଭାଗ ରିହାତି , ଧାନ ବ୍ୟତୀତ ଅନ୍ୟ ସମସ୍ତ ଫସଲ ଅମଳପରେ ତୁରନ୍ତ ସେସବୁର ବିକ୍ରୟ ପାଇଁ ସରକାରୀ ବ୍ୟବସ୍ଥା, ପ୍ରତି ପଂଚାୟତରେ ଶସ୍ୟାଗାର ନିର୍ମାଣ, ପ୍ରତି ବ୍ଲକ୍ ରେ ଅନ୍ତତଃ ଦୁଇଟି କରି ଶୀତଳ ଭଣ୍ଡାର ପ୍ରତିଷ୍ଠା, ଲଘୁ ବନଜାତ ଦ୍ରବ୍ୟ ସଂରକ୍ଷଣ ପାଇଁ ପ୍ରତି ପଂଚାୟତ ରେ ଭଣ୍ଡାର ନିର୍ମାଣ ପ୍ରଭୃତି ପ୍ରତିଶ୍ରୁତି ବିଜେପି ଦଳ ରାଜ୍ୟର ଚାଷୀ ମାନଙ୍କୁ ନିର୍ବାଚନ ପୂର୍ବରୁ ଦେଇଥିଲା ।

ନିର୍ବାଚନୀ ପ୍ରତିଶ୍ରୁତିର ଲମ୍ବା ତାଲିକା ଏତିକିରେ ଶେଷ ହୋଇନାହିଁ । ଧାନ ବ୍ୟତୀତ ଚିନାବାଦାମ, ସୋରିଷ, ନଡ଼ିଆ, ସୂର୍ଯ୍ୟମୁଖୀ, ମାଣ୍ଡିଆ, ବାଜରା, ଜୁଆର, ଚଣା, ବିଭିନ୍ନ ପ୍ରକାର ଡାଲି ଓ ପନିପରିବା ଚାଷୀଙ୍କଠାରୁ ସରକାର ଉଚିତ୍ ଦରରେ ଖରିଦ କରିବେ ଏବଂ ଏସବୁ ଫସଲ ପାଇଁ ଏମ୍ଏସ୍ପି ନିର୍ଦ୍ଧାରଣ କରିବେ ବୋଲି ମଧ୍ୟ ବିଜେପି ଦଳ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲା । ବନ୍ଦ ହୋଇଥିବା ସମସ୍ତ ଚିନି କଳ ଖୋଲିବା ଓ ଆଖୁ ଚାଷୀ ମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ମଧ୍ୟ ବିଜେପି ଦଳ ପ୍ରତିଶ୍ରୁତି ଦେଇଥିଲା । କପା ଚାଷୀ ମାନଙ୍କଠାରୁ ଉପଯୁକ୍ତ ଦରରେ ମଣ୍ଡି ଜରିଆରେ ସରକାର କପା ଖରିଦ କରିବେ ଏବଂ ବଲାଙ୍ଗୀର, କଳାହାଣ୍ଡି, ବରଗଡ଼ ଓ ନୂଆପଡ଼ା ଜିଲ୍ଲାରେ ୧୦ ଟି ନୂଆ ଜଳସେଚନ ପ୍ରକଳ୍ପ କ୍ଷମତାକୁ ଆସିବାର ଏକ ବର୍ଷ ମଧ୍ୟରେ ପ୍ରତିଷ୍ଠା ହେବ ବୋଲି ମଧ୍ୟ ପ୍ରତିଶ୍ରୁତି ଦିଆଯାଇଥିଲା । ଏହା ବ୍ୟତୀତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ କୃଷି ଶ୍ରମିକ ମାନଙ୍କ ସନ୍ତାନ ସନ୍ତତିଙ୍କୁ ସରକାରୀ କଲେଜ ଓ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଶିକ୍ଷାଲାଭ ପାଇଁ ୨୦୦,୦୦୦ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଦେବାପାଇଁ ମଧ୍ୟ ବିଜେପି ଦଳ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲା । କହିବା ବାହୁଲ୍ୟ ଉପରୋକ୍ତ କୌଣସି ଗୋଟିଏ ହେଲେ ପ୍ରତିଶ୍ରୁତି ପାଳନ ହୋଇନାହିଁ କିମ୍ବା ପାଳନ କରିବାପାଇଁ ସରକାରୀ ସ୍ତରରେ କୌଣସି ଠୋସ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇନାହିଁ କିମ୍ବା ବଜେଟରେ କୌଣସି ବ୍ୟୟ ବରାଦ ହୋଇନାହିଁ ।

**ସୁଭଦ୍ରା ଯୋଜନା –**

ବିଜେପି ଦଳ ରାଜ୍ୟରେ କ୍ଷମତାସୀନ ହେଲେ ରାଜ୍ୟର ଏକ କୋଟି ରୁ ଅଧିକ ମହିଳାଙ୍କୁ ଏକକାଳୀନ ୫୦ ହଜାର ଲେଖାଏଁ ଟଙ୍କାର ଭାଉଚର ପ୍ରଦାନ କରିବାକୁ ବିଜେପି ଦଳ ପ୍ରତିଶ୍ରୁତି ଦେଇଥିଲା । ଏହା ବ୍ୟତୀତ ୨୦୨୭ ମସିହା ସୁଦ୍ଧା ରାଜ୍ୟରେ ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ସଙ୍ଗେସଙ୍ଗେ ୫୦୦ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠିକୁ ନେଇ ଗୋଟିଏ ଲେଖାଏଁ ଶିଳ୍ପ ଗୋଷ୍ଠୀ ସୃଷ୍ଟି କରାଯିବ, ଯେଉଁଠି ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରି କରିବେ ଏବଂ ସମସ୍ତ ସାମଗ୍ରୀ ଉଚିତ୍ ମୂଲ୍ୟରେ ବିକ୍ରି କରିବା ବ୍ୟବସ୍ଥା ସରକାର କରିବେ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ମାତ୍ର ଏକକାଳୀନ ୫୦ ହଜାର ବଦଳରେ ମହିଳା ମାନଙ୍କୁ ବାର୍ଷିକ ୧୦ ହଜାର ଲେଖାଏଁ ଟଙ୍କା ଦିଆଯାଉଛି । ଅର୍ଥାତ୍ ଆଗାମୀ ୫ ବର୍ଷରେ ହିତାଧିକାରୀ ମୋଟ ୫୦ ହଜାର ଟଙ୍କା ପାଇବେ । ପୁଣି ଏହି ହିତାଧିକାରୀ ମାନଙ୍କ ସଂଖ୍ୟା ଏକ କୋଟିରୁ ଯଥେଷ୍ଟ କମ ।ଏହା ସହିତ କୌଣସି କାରଣ ନଦର୍ଶାଇ ଲଗାତର ହିତାଧିକାରୀଙ୍କ ନାମ ତାଲିକାରୁ କଟା ଚାଲିଛି । କିନ୍ତୁ ମଝିରେ ମଝିରେ ଲକ୍ଷପତି ଦିଦି କୋଟିପତି ଦିଦି ପ୍ରଚାର ଚାଲିଛି ।

**ଶିକ୍ଷା, ପ୍ରତିଶ୍ରୁତି ଓ ବାସ୍ତବତା –**

ଶିକ୍ଷା କ୍ଷେତ୍ରରେ ବିଜେପି ଦଳର ସବୁଠାରୁ ଆକର୍ଷଣୀୟ ପ୍ରତିଶ୍ରୁତି ଥିଲା କ୍ଷମତାସୀନ ହେବାର ୬ ମାସ ମଧ୍ୟରେ ରାଜ୍ୟରେ ବନ୍ଦ ହୋଇଥିବା ସମସ୍ତ ୮୦୦୦ ପ୍ରାଥମିକ ବିଦ୍ୟାଳୟ ପୁଣି ଖୋଲିବା । କହିବା ବାହୁଲ୍ୟ ପ୍ରଥମେ କେନ୍ଦ୍ର ବିଜେପି ସରକାର ପରିଚାଳନାରେ କାମ କରୁଥିବା ନୀତି ଆୟୋଗ ଓ ପରେ କେନ୍ଦ୍ର ବିଜେପି ସରକାର ଦ୍ୱାରା ପ୍ରଣୀତ ନୂଆ ଶିକ୍ଷାନୀତି – ୨୦୨୦ ର ଅନୁସରଣରେ ହିଁ ଆମ ରାଜ୍ୟ ସମେତ ସାରା ଦେଶରେ ଲକ୍ଷାଧିକ ପ୍ରାଥମିକ ସ୍କୁଲ ବନ୍ଦ କରାଯାଇଛି । ଏହା ସତ୍ତ୍ୱେ ମଧ୍ୟ ନିର୍ବାଚନୀ ବୈତରଣୀ ପାର ହେବାପାଇଁ ବିଜେପି ଦଳ ବନ୍ଦ ହୋଇଥିବା ସ୍କୁଲ ଖୋଲିବା ପାଇଁ ପ୍ରତିଶ୍ରୁତି ଦେଇଥିଲା । ମାତ୍ର ବନ୍ଦ ହୋଇଥିବା ସ୍କୁଲ ଖୋଲିବା ଦୂରର କଥା ନୂଆକରି ଆହୁରି ୫ ହଜାର ସ୍କୁଲ ବନ୍ଦ କରିବାପାଇଁ ରାଜ୍ୟ ଡବଲ ଇଞ୍ଜିନ ସରକାର ସମ୍ପ୍ରତି ନିଷ୍ପତ୍ତି ଗ୍ରହଣ କରିଛି ଏବଂ ଏହାକୁ ଦ୍ରୁତ କାର୍ଯ୍ୟକାରୀ କରିବାକୁ ଉଦ୍ୟମ କରୁଛି ।

ଶିକ୍ଷା କ୍ଷେତ୍ରରେ ବିଜେପି ଦଳର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିଶ୍ରୁତି ଥିଲା ପ୍ରାଥମିକ ସ୍ତରରୁ ଆରମ୍ଭକରି ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ସମସ୍ତ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ମାନଙ୍କପାଇଁ ସମାନ କାମକୁ ସମାନ ବେତନ ବ୍ୟବସ୍ଥା ଲାଗୁ କରିବା । ଅର୍ଥାତ୍ ଶିକ୍ଷାନୁଷ୍ଠାନ ମାନଙ୍କରେ ସମାନ କାମ କରୁଥିଲେ ମଧ୍ୟ ମାମୁଲି ଦରମାରେ କାମ କରିବାକୁ ବାଧ୍ୟ ହେଉଥିବା ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ମାନଙ୍କର ବହୁ ଦଶନ୍ଧିର ଦାବି ପୂରଣ କରିବା । ଡବଲ ଇଞ୍ଜିନ ବିଜେପି ସରକାର କ୍ଷମତାରେ ଦୁଇବର୍ଷ ହେଲା ରହିଥିଲେ ମଧ୍ୟ ଏହି ପ୍ରତିଶ୍ରୁତି ପୂରଣ କରିବା ପାଇଁ କୌଣସି ପ୍ରାଥମିକ ପଦକ୍ଷେପ ମଧ୍ୟ ଗ୍ରହଣ କରିନାହିଁ । ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ମାନେ ବାର ବାର ଆନ୍ଦୋଳନ କରୁଥିଲେ ମଧ୍ୟ ପୂର୍ବ ସରକାର ଭଳି ଡବଲ ଇଂଞ୍ଜିନ ସରକାର ମଧ୍ୟ କୁମ୍ଭକର୍ଣ୍ଣ ନିଦ୍ରାରେ ।

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

## ରାଜ୍ୟ ଡବଲ ଇଞ୍ଜିନ ...

(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)

ଶିକ୍ଷା କ୍ଷେତ୍ରରେ ନିଜର ପ୍ରତିଶ୍ରୁତି ପାଳନ କରିବା ପରିବର୍ତ୍ତେ ସମ୍ପ୍ରତି ଯେ କୌଣସି ଉପାୟରେ ଚଳିତ ବର୍ଷ ହିଁ ସ୍କୁଲ ସ୍ତରରେ ନୂଆ ଶିକ୍ଷାନୀତି - ୨୦୨୦ ଲାଗୁ କରିବାକୁ ଯାଇ ରାଜ୍ୟ ବିଜେପି ସରକାର ଯେଉଁ ବ୍ୟାପକ ବିଭ୍ରାଟ ସୃଷ୍ଟି କରିଛି ଏବଂ ଯେଉଁ ଭଳି ଭାବରେ ଏନସିଇଆରଟିକୁ ଅନୁକରଣ କରି ଅବୈଜ୍ଞାନିକ, ଅଯୌକ୍ତିକ ଓ କୁସଂସ୍କାରାଚ୍ଛନ୍ନ ଚିନ୍ତା ଭାବନାର ପ୍ରଚାର ପ୍ରସାର କରୁଥିବା ପାଠ୍ୟକ୍ରମ ପ୍ରସ୍ତୁତ କରି ସମଗ୍ର ପ୍ରାଥମିକ ଶିକ୍ଷାକୁ ଧ୍ୱଂସ କରିବାକୁ ଉଦ୍ୟମ କରୁଛି ସେଥିରେ ରାଜ୍ୟର ଜନ ସାଧାରଣ, ବୁଦ୍ଧିଜୀବୀ, ଶିକ୍ଷାବିତ ଓ ଛାତ୍ର ସମାଜ ଉଦବିଗ୍ନ।

ବିଜେପି ସରକାରର ଆଉ ଗୋଟିଏ ପ୍ରତିଶ୍ରୁତି ଥିଲା ପ୍ରାଥମିକ ବିଦ୍ୟାଳୟ ରୁ ଆରମ୍ଭକରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଖାଲି ପଡ଼ିଥିବା ଶିକ୍ଷକ ଅଧାପକ ଓ ଶିକ୍ଷା କର୍ମଚାରୀ ପଦବୀ ପୂରଣ କରିବା। ମାତ୍ର ଆଜିବି ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଲକ୍ଷାଧିକ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ପଦବୀ ଖାଲି ପଡ଼ିଛି। ହାଇସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ହଜାର ହଜାର ପଦବୀ ଖାଲି ପଡ଼ିଛି। ମାତ୍ର ଡବଲ ଇଞ୍ଜିନ ବିଜେପି ସରକାର ଏହି ପଦବୀ ପୂରଣ କରିବାପାଇଁ ଉଦ୍ୟମ କରୁନାହିଁ, ଯାହା କରୁଛି ତାହା ସମୁଦ୍ରକୁ ଶଙ୍ଖେ ଠାରୁ ମଧ କମ୍।

**ସ୍ୱାସ୍ଥ୍ୟ ସେବା -**

ବିଜେପି ଦଳ କ୍ଷମତାସୀନ ହେଲେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିପ୍ଳବ ଆଣିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ୩୦୦୦ ନୂଆ ଡାକ୍ତର ପଦବୀ ସୃଷ୍ଟି କରିବା ସହିତ ମେଡ଼ିକାଲ କଲେଜ, ଗ୍ରାମାଂଚଳ ଡାକ୍ତରଖାନା ଓ ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନାରେ ଖାଲି ପଡ଼ିଥିବା ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟସେବା କର୍ମଚାରୀ ପଦବୀ ପୂରଣ କରିବାପାଇଁ ବିଜେପି ଦଳ ପ୍ରତିଶ୍ରୁତି ଦେଇଥିଲା। ଏହାବ୍ୟତୀତ ସମ୍ବଲପୁରଠାରେ ଆଉ ଗୋଟିଏ ଏମ୍ସ୍ ପ୍ରତିଷ୍ଠା କରିବା, ରାଜ୍ୟର ଉତ୍ତର ଦକ୍ଷିଣ ଓ ପଶ୍ଚିମାଂଚଳରେ ୩ ଟି ନୂଆ କ୍ୟାନସର ହସ୍ପିଟାଲ ପ୍ରତିଷ୍ଠା କରିବା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(PHC) ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର (CHC) ମାନଙ୍କରେ ୩୬,୦୦୦ ନୂଆ ବେଡ୍ ଯୁକ୍ତ କରିବା, ୨୦୨୭ ମସିହା ସୁଦ୍ଧା ରାଜ୍ୟର ପ୍ରତ୍ୟେକ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଆଇସିୟୁ, ଡାୟାଲିସିସ୍, ଅପରେସନ ଥିଏଟରର ବ୍ୟବସ୍ଥା କରିବା ସହିତ ୧୦୦ଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡ ସ୍ତରୀୟ ଡାକ୍ତରଖାନାରେ ପରିଣତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲା।

ଏସବୁ ନିର୍ବାଚନୀ ପ୍ରତିଶ୍ରୁତି କେତେଦୂର ପାଳନ ହୋଇଛି ସେକଥା ପାଠକ ମାନେ ନିଜର ନିତିଦିନିଆ ଅଭିଜ୍ଞତାରୁ ହିଁ ବୁଝି ପାରୁଥିବେ। ୩୦୦୦ ନୂଆ ଡାକ୍ତର ପଦବୀ ସୃଷ୍ଟି ହେବା ଦୂରେ ଥାଉ ଖାଲିପଡ଼ିଥିବା ପଦବୀରେ କୌଣସି ନିଯୁକ୍ତି ହୋଇନାହିଁ। ଚାରିଆଡେ ଖାଲି ପଦବୀ ଆଉ ଠିକା ଡାକ୍ତର ଓ ଆଉଟ୍ ସୋର୍ସିଂ ନର୍ସ ଏବଂ କର୍ମଚାରୀ। ବିଭିନ୍ନ ଦାବି ପୂରଣ ପାଇଁ ବର୍ଷ ବର୍ଷ ଧରି ସରକାରଙ୍କୁ ନେହୁରା ହେବାପରେ ଡାକ୍ତରମାନେ କାମ ବନ୍ଦ ଆନ୍ଦୋଳନର ଡାକରା ଦେଇଛନ୍ତି। ମାତ୍ର ଡାକ୍ତର ମାନଙ୍କର ନ୍ୟାଯ୍ୟ ଦାବି ପୁରଣ କରିବା ପରିବର୍ତ୍ତେ ସରକାର ଆନ୍ଦୋଳନକାରୀ ଡାକ୍ତରମାନଙ୍କ ଦରମା ବନ୍ଦ କରି ଆନ୍ଦୋଳନକୁ ଦମନ କରିବାକୁ ଉଦ୍ୟମ କରୁଛି। ଏହାବ୍ୟତୀତ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ପ୍ରଚଳନ କରି ରାଜ୍ୟ ସରକାର ରାଜ୍ୟର ଜନସାଧାରଣଙ୍କୁ ମହରଗରୁ ନେଇ କାନ୍ତାରରେ ପକାଇଛି।

**ନିଯୁକ୍ତି -**

ବଢି ଚାଲିଥିବା ବେକାରୀ ସମସ୍ୟା ପାଇଁ ଉଦ୍‌ବେଗ ପ୍ରକାଶକରି ରାଜ୍ୟରେ କ୍ଷମତାସୀନ ହେଲେ ପ୍ରଥମ ଦୁଇ ବର୍ଷ ମଧ୍ୟରେ ୬୫ ହଜାର ସରକାରୀ ପଦବୀରେ ସ୍ଥାୟୀ ନିଯୁକ୍ତି ସହିତ ୫ ବର୍ଷ ମଧରେ ଖାଲି ପଡ଼ିଥିବା ଦେଢ଼ ଲକ୍ଷ ସରକାରୀ ପଦବୀ ପୂରଣ କରିବାପାଇଁ ବିଜେପି ଦଳ ପ୍ରତିଶ୍ରୁତି ଦେଇଥିଲା। ସରକାରୀ ଚାକିରି ବ୍ୟତୀତ ବ୍ୟାପକ ଶିଳ୍ପାୟନ ପାଇଁ ରାଜ୍ୟକୁ ବିପୁଳ ପୁଞ୍ଜି ଆକର୍ଷଣ କରି ଦୁଇ ବର୍ଷ ମଧରେ ଦୁଇଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାପାଇଁ ବିଜେପି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହା ବ୍ୟତୀତ ଠିକା ଓ ଆଉଟସୋର୍ସିଂ ନିଯୁକ୍ତି ବ୍ୟବସ୍ଥା ସମ୍ପୂର୍ଣ୍ଣ ଉଚ୍ଛେଦ କରି ସମସ୍ତ କର୍ମଚାରୀଙ୍କୁ ସ୍ଥାୟୀ କରିବା ପାଇଁ ମଧ 'ଗ୍ୟାରେଣ୍ଟି' ଦିଆଯାଇଥିଲା।

ଦୁଇବର୍ଷ ପରେ ୧୧ ହଜାର ଲୋକଙ୍କୁ ସରକାରୀ ଚାକିରି ଦିଆଯାଇଛି ବୋଲି ସରକାର ଦାବି କରୁଥିଲେ ମଧ ସରକାରୀ ଦଲିଲରୁ ଏହାର ପ୍ରମାଣ ମିଳୁନାହିଁ। ଆଉଟସୋର୍ସିଂ ଓ ଠିକା କର୍ମଚାରୀମାନେ ସ୍ଥାୟୀ ହେବାପାଇଁ ଆନ୍ଦୋଳନ ଚଳାଇଛନ୍ତି, ହେଲେ ସରକାର କେବଳ କମିଟି ଗଠନରେ ଦୁଇବର୍ଷ ବିତାଇ ଦେଲେଣି, କର୍ମଚାରୀ ମାନଙ୍କପାଇଁ ପଦ୍ମ ଘୁଂଚି ଘୁଂଚି ଯାଉଛି। ନିଯୁକ୍ତି ମିଳିବା ତ ଦୂରର କଥା ପୁଲିସ ସବ୍‌ଇନିସ୍‌ପେକ୍ଟର ଓ ଅନ୍ୟାନ୍ୟ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଓ ଏଥିରେ ଶହ ଶହ କୋଟି ଟଙ୍କାର ଘୋଟାଲା ସାମନାକୁ ଆସୁଛି।

**ଆଦିବାସୀ ଉନ୍ନୟନ -**

ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ କ୍ଷମତାକୁ ଆସିଲେ ଆଦିବାସୀ ବହୁଳ ଅଂଚଳର ଗ୍ରାମ ମାନଙ୍କରେ ଲଘୁ ବନଜାତ ସାମଗ୍ରୀ ମହଜୁଦ୍ କରିବା ପାଇଁ ପଂଚାୟତ ସ୍ତରରେ ଗୋଦାମ ଘର ନିର୍ମାଣ କରିବେ ବୋଲି ବିଜେପି ଦଳ ପ୍ରତିଶ୍ରୁତି ଦେଇଥିଲା। ଏହା ବ୍ୟତୀତ ମହୁଲ ଫୁଲ ତୋଳାଳୀ ମାନଙ୍କ ସମେତ, ଶାଳ ପତ୍ର, ଶିଆଳି ପତ୍ର, ସବାଇ ଘାସ, ଶାଳ ମଞ୍ଜି, କରଞ୍ଜ ମଞ୍ଜି, କୁସୁମ ମଞ୍ଜି, ହରିଡା, ବାହାଡା, ଅଁଳା, ମହୁ, ଝୁଣା, ଲାଖ, କୋଚିଲା ଓ ପାତାଳ ଗୁରୁଡ ଭଳି ଅନ୍ୟ ସମସ୍ତ ଲଘୁ ବନଜାତ ଦ୍ରବ୍ୟ ପାଇଁ ସର୍ବନିମ୍ନ ସହାୟକ ଦର (MSP) ସ୍ଥିର କରିବା ଓ ସଂଗ୍ରହକାରୀ ମାନଙ୍କୁ ଏମ୍‌ଏସ୍‌ପି ଉପରେ ବୋନସ ପ୍ରଦାନ କରିବାପାଇଁ ବିଜେପି ଦଳ ପ୍ରତିଶ୍ରୁତି ଦେଇଥିଲା। ଏହା ବ୍ୟତୀତ କ୍ଷମତାକୁ ଆସିବାର ୧ ବର୍ଷ ମଧରେ ରାଜ୍ୟରେ ପେସା (Panchayat Extention to Schedule Areas - PESA) ଆଇନ୍ ଲାଗୁ କରିବାପାଇଁ ମଧ ବିଜେପି ଦଳ ଘୋଷଣା କରିଥିଲା। ସୂଚନାଯୋଗ୍ୟ ପେସା ଆଇନ ଲାଗୁ ହେଲେ ଜଙ୍ଗଲ, ଜଙ୍ଗଲ ଜମି ଓ ଜଙ୍ଗଲ ସମ୍ପଦ ଉପରେ ଆଦିବାସୀ ଓ ପାରମ୍ପରିକ ଜଙ୍ଗଲ ଅଧିବାସୀ ମାନଙ୍କର ଅଧିକାର କ୍ଷେତ୍ର ବୃଦ୍ଧି ପାଇବ।

ଇତି ମଧରେ ଦୁଇ ବର୍ଷ ବିତି ଯାଇଥିଲେ ମଧ ଆଦିବାସୀ ମାନଙ୍କୁ ଦିଆଯାଇଥିବା କୌଣସି ଗୋଟିଏ ହେଲେ ପ୍ରତିଶ୍ରୁତି ପାଳନ ହୋଇନାହିଁ। ଅନ୍ୟପଟରେ ଏକଚାଟିଆ ପୁଞ୍ଜିପତି ମାନଙ୍କ ସ୍ୱାର୍ଥରେ ଆଦିବାସୀ ମାନଙ୍କୁ ସେମାନଙ୍କର ଭିଟାମାଟି ରୁ ବଳପୂର୍ବକ ବନ୍ଧୁକ ମୁନରେ ଉଚ୍ଛେଦ କରାଯାଉଛି। ପ୍ରତିଶ୍ରୁତି ପାଳନ ହେବା ପରିବର୍ତ୍ତେ ରାଜ୍ୟର ବିଭିନ୍ନ ଅଂଚଳରେ ଆଦିବାସୀ ମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ଚାଲିଛି।

**ଚିଟ୍‌ଫଣ୍ଡ ଜାମାକାରୀଙ୍କୁ ଟଙ୍କା ଫେରସ୍ତ -**

ଏଠାରେ ପାଠକମାନଙ୍କୁ ସ୍ମରଣ କରାଇ ଦେବାକୁ ଚାହୁଁଯେ ପ୍ରଥମେ ବିଜେଡି-ବିଜେପି ମିଳିତ ସରକାର ଓ ଏହାପରେ ବିଜେଡି ସରକାର ସମୟରେ ଚିଟ୍‌ଫଣ୍ଡ ଦୁର୍ନିତୀରେ ରାଜ୍ୟର ଲକ୍ଷ ଲକ୍ଷ ଲୋକ ସର୍ବସ୍ୱାନ୍ତ ହୋଇଥିଲେ। ଏହି ଠକେଇରେ ଜଡିତ ବହୁ ବିଜେପି ଓ ବିଜେଡି ନେତା ସେତେବେଳେ ଜେଲ ଯାଇଥିଲେ। ରାଜ୍ୟରେ ବିଜେପି ସରକାର ପ୍ରତିଷ୍ଠା ହେଲେ ସମସ୍ତ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଲୋକଙ୍କୁ ସୁଧ ସହିତ ଟଙ୍କା ଫେରାଇ ଦିଆଯିବ ବୋଲି ଦଳ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏପରିକି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଘୋଷଣା କରିଥିଲେ ଯେ, କ୍ଷମତାସୀନ ହେବାର ୪୮ଘଣ୍ଟା ମଧରେ ତାଙ୍କ ସରକାର ଅଧ୍ୟାଦେଶ ଜାରୀ କରି ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଇବ। ମାତ୍ର କ୍ଷମତାକୁ ଆସିବାର ଦୁଇବର୍ଷ ବିତିଯାଇଥିଲେ ମଧ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ମାନେ ଟଙ୍କା ଫେରି ପାଇନାହାନ୍ତି। ପୂର୍ବ ସରକାର ବସାଇଥିବା ନ୍ୟାୟିକ ଆୟୋଗର ସୁପାରିଶ ଆଧାରରେ ସୃଷ୍ଟି କରାଯାଇଥିବା ୩୦୦କୋଟି ଟଙ୍କାର କର୍ପସ ଫଣ୍ଡରୁ ମାମୁଲି ସଂଖ୍ୟକ କ୍ଷତିଗ୍ରସ୍ତଙ୍କୁ ୮ରୁ ୧୦ହଜାର ଲେଖାଏଁ ଟଙ୍କା ଫେରସ୍ତ ଦିଆଯାଇଛି। ଆହୁରି ଲକ୍ଷ ଲକ୍ଷ ଲୋକ ଟଙ୍କା ଫେରି ପାଇବାକୁ ଅପେକ୍ଷା କରିଛନ୍ତି। ମାତ୍ର ମିଥ୍ୟା ପ୍ରଚାରରେ ସିଦ୍ଧହସ୍ତ ବିଜେପି ସରକାର ସେମାନଙ୍କ ଦାବିକୁ ଉପେକ୍ଷା କରିଚାଲିଛି।

**ମଦମୁକ୍ତ ଓଡ଼ିଶାର ଧୂଆଁବାଣ -**

୨୦୨୪ ନିର୍ବାଚନ ସମୟରେ ବିଜେପି ଦଳ ପକ୍ଷରୁ ପ୍ରଚାର କରାଯାଉଥିଲା ଯେ ବିଜେଡି ସରକାର ଗାଁ ଗହଳିରେ ମଦ ଦୋକାନ ଖୋଲି ଲୋକଙ୍କୁ ମଦୁଆ କରୁଛି। ବିଜେପି କ୍ଷମତାକୁ ଆସିଲେ ଓଡ଼ିଶାକୁ ମଦମୁକ୍ତ କରିବ। ମାତ୍ର ବିଜେପି ସରକାର କ୍ଷମତାସୀନ ହେବାପରେ ହିଁ ଓଡ଼ିଶାକୁ ମଦମୁକ୍ତ କରିବାର କୌଣସି ଯୋଜନା ନାହିଁ ବୋଲି ରାଜ୍ୟ ଅବକାରୀ ମନ୍ତ୍ରୀ ଘୋଷଣା କରିଦେଲେ। କେବଳ ସେତିକି ନୁହେଁ ପ୍ରଚୁର ସଂଖ୍ୟକ ନୂଆ ମଦ ଦୋକାନ, ନୂଆ ମଦ ଡିପୋ ଏବଂ ମଦ କାରଖାନା ଖୋଲିବାପାଇଁ ସରକାର ଇତି ମଧରେ ନିଷ୍ପତ୍ତି ଗ୍ରହଣ କରିଛନ୍ତି ଏବଂ ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରିବା ପାଇଁ ମଦ ଦୋକାନ ନିଲାମ ପ୍ରକ୍ରିୟା ଜିଲ୍ଲାସ୍ତରରେ ଆରମ୍ଭ କରିଛନ୍ତି। ଉଚ୍ଚ ପଦସ୍ଥ ସରକାରୀ ଅଧିକାରୀମାନେ ଆଖିରେ ଅନ୍ଧ ପୁଟୁଳୀ ବାନ୍ଧି ମଦ ଦୋକାନ ନିଲାମ କରୁଥିବା ନିନ୍ଦନୀୟ ଦୃଶ୍ୟକୁ ପୁଣି ଗଣ ମାଧ୍ୟମରେ ପ୍ରସାରିତ କରାଯାଉଛି।

**ଦେୟ ମୁକ୍ତ ବିଦ୍ୟୁତ ଯୋଗାଣ -**

ବିଗତ ରାଜ୍ୟ ବିଧାନ ସଭା ନିର୍ବାଚନା ସମୟରେ ୩୦୦ ୟୁନିଟ୍ ବିଦ୍ୟୁତ ଶୁଳ୍କ ଛାଡ କରିବା ପାଇଁ ବିଜେପି ନେତାମାନେ ପ୍ରତିଶ୍ରୁତି ଦେଇଥିଲେ। ସମଗ୍ର ରାଜ୍ୟରେ ନିର୍ବାଚନ ପ୍ରଚାର ସମୟରେ ଦଳର ବଡ ବଡ ନେତାଙ୍କଠାରୁ ଆରମ୍ଭକରି ବ୍ଲକ୍ ଓ ପଂଚାୟତ ସ୍ତରୀୟ ନେତାମାନେ ଏହା ପ୍ରଚାର କରୁଥିଲେ। ମାତ୍ର କ୍ଷମତାସୀନ ହେବାପରେ ରାଜ୍ୟ ଶକ୍ତିମନ୍ତ୍ରୀ ତଥା ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ସିଧାସଳଖ ବିଦ୍ୟୁତ ଶୁଳ୍କ ଛାଡ ପ୍ରତିଶ୍ରୁତିକୁ ସଂପୂର୍ଣ୍ଣ ଅସ୍ୱୀକାର କରିଛନ୍ତି। ବିଦ୍ୟୁତ ଶୁଳ୍କ ଛାଡ କରିବା ବଦଳରେ ସ୍ମାର୍ଟ୍ ମିଟର ଲଗାଇ ଖାଉଟିଙ୍କୁ ଲଗାମଛଡା ଶୋଷଣ କରିବା ପାଇଁ ସରକାର ଟାଟା କମ୍ପାନୀକୁ ନିରଙ୍କୁଶ ଅଧିକାର ଦେଇଛି। ଫଳରେ ବିଦ୍ୟୁତ ଶୁଳ୍କ ଛାଡ ପାଇଁ ଅପେକ୍ଷା କରିଥିବା ଗ୍ରାହକ ହାହାକାର କରୁଛି।

ଏସବୁ ବ୍ୟତୀତ ବିଭିନ୍ନ ବର୍ଗ ଓ ପେଶାରେ ଥିବା ଲୋକଙ୍କପାଇଁ ବିଜେପି ଦଳ ପକ୍ଷରୁ ନାନା ଧରଣର ପ୍ରତିଶ୍ରୁତି ଦିଆଯାଇଥିଲା। ସମୁଦ୍ରରୁ ମାଛଧରା ବନ୍ଦ ଥିବା ସମୟରେ ପ୍ରତ୍ୟେକ ମତ୍ସ୍ୟଜୀବୀଙ୍କୁ ୧୦,୦୦୦ ଲେଖାଏଁ ଟଙ୍କା ଦିଆଯିବ ଓ ମାଛଧରା ଜେଟି ଗୁଡ଼ିକର ଆଧୁନୀକିକରଣ କରାଯିବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଥିଲା। କେନ୍ଦୁପତ୍ର ତୋଳାଳୀ ମାନଙ୍କୁ କେରୀ ପିଛା ୨ ଟଙ୍କା ପ୍ରଦାନ କରିବା ସଙ୍ଗେସଙ୍ଗେ ସେମାନଙ୍କୁ ଶତକଡ଼ା ୩୫ ଭାଗ ଓ ବିଡି ବଳାଳି ମାନଙ୍କୁ ଶତକଡ଼ା ୧୦ ଭାଗ ବୋନସ ଦେବାକୁ ମଧ ବିଜେପି ଘୋଷଣା କରିଥିଲା। ବୁଣାକାର ମାନଙ୍କ ଉନ୍ନତି ଓ ବୟନ ଶିଳ୍ପର ଉନ୍ନୟନ ପାଇଁ ପଶ୍ଚିମ ଓଡ଼ିଶାରେ ୩ ଟି ସମନ୍ୱିତ ବୟନ ପାର୍କ ପ୍ରତିଷ୍ଠା କରିବା, ୪୦ ରୁ ୬୦ ବର୍ଷ ବୟସ୍କ ବୁଣାକାର ମାନଙ୍କୁ ମାସିକ ୩୦୦୦ ଟଙ୍କା ଲେଖାଏଁ ଭତ୍ତା ଦେବା , ୬୦ ବର୍ଷରୁ ଅଧିକ ବୟସ୍କ ବୁଣାକାର ମାନଙ୍କୁ ମାସିକ ୩୫୦୦ ଟଙ୍କା ଭତ୍ତା ଦେବାପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାବ୍ୟତୀତ ସମସ୍ତଙ୍କୁ ବର୍ଦ୍ଧକ୍ୟ, ବିଧବା ଭତ୍ତା ଓ ଶାରୀରିକ ଭାବରେ ଅକ୍ଷମ ଲୋକଙ୍କୁ ମାସିକ ୩୦୦୦ ଟଙ୍କା ଲେଖାଏଁ ଭତ୍ତା ଦେବା ପାଇଁ ମଧ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଏହି ଭତ୍ତା ଟଙ୍କାଟିଏ ମଧ ବୃଦ୍ଧି କରାଯାଇ ନାହିଁ। ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକ ମାନଙ୍କୁ ୫ ଲକ୍ଷ ଟଙ୍କାର ବୀମା ରାଶି ବିନା ପ୍ରିମିୟମରେ ପ୍ରଦାନ କରିବା ପାଇଁ ମଧ ବିଜେପି ଦଳ ପ୍ରତିଶ୍ରୁତି ଦେଇଥିଲା।

ଉଲ୍ଲେଖ କରିବା ବାହୁଲ୍ୟ ଯେ ଉପରୋକ୍ତ ସମସ୍ତ ପ୍ରତିଶ୍ରୁତି ପାଣିର ଗାର ପ୍ରମାଣିତ ହୋଇଚି। ରାଜ୍ୟର ଡବଲ ଇଞ୍ଜିନ ସରକାର କ୍ଷମତାରେ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ବ୍ୟାପକ ପ୍ରଚାର ଓ ନିଜେ ନିଜର ଢୋଲ ବଜାଇ ଚାଲିଥିବା ବେଳେ ସମାଜର ବିଭିନ୍ନ ବଂଚିତ ବର୍ଗର ଜନସାଧାରଣଙ୍କୁ ଦେଇଥିବା କୌଣସି ଗୋଟିଏ ହେଲେ ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିନାହିଁ ଏବଂ ରାଜ୍ୟବାସୀଙ୍କ ପ୍ରତି ଚରମ ପ୍ରତାରଣା କରିଛି। ଅନ୍ୟପଟରେ ଜନସାଧାରଣଙ୍କ ଐକ୍ୟକୁ ଭଙ୍ଗିବପାଇଁ ଉଗ୍ର ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟି କରାଯାଉଛି। ଭିଡ଼ ହିଂସାକୁ ପ୍ରୋତ୍ସାହିତ କରାଯାଉଛି। ଜନସାଧାରଣଙ୍କ ପ୍ରତିବାଦର ସ୍ୱରକୁ ସ୍ତବ୍ଧ କରିବାପାଇଁ ଉଦ୍ୟମ କରାଯାଉଛି।

ଏହି ପରିସ୍ଥିତିରେ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାରଙ୍କ ଜନବିରୋଧୀ ନୀତି ଓ ପଦକ୍ଷେପ ତଥା ଜନସାଧାରଣଙ୍କ ପ୍ରତି ଚରମ ପ୍ରତାରଣା ବିରୁଦ୍ଧରେ ଦୁର୍ବାର ଗଣଆନ୍ଦୋଳନ ଗଢ଼ିତୋଳିବାକୁ ରାଜ୍ୟବାସୀଙ୍କୁ ଆମେ ଆହ୍ୱାନ ଦେଉଛୁ।

★★★

Regd.No-ORI ORI/2011/37220 • VOL. NO. 12, ISSUE NO. 28 • ମୂଲ୍ୟ-୫ଟଙ୍କା

# ସ୍କୁଲ ପାଠ୍ୟ ପୁସ୍ତକ ବିଭ୍ରାଟ ପ୍ରତିବାଦରେ ଏଆଇଡିଏସ୍ଓ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ

ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଣୟନ କରାଯାଇଥିବା ନୂଆ ଶିକ୍ଷା ନୀତି - ୨୦୨୦ ଆଧାରିତ ଅବୈଜ୍ଞାନିକ ପାଠ୍ୟକ୍ରମ ତଥା ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସଂପୂର୍ଣ୍ଣ ପ୍ରତ୍ୟାହାର କରିବା, ବିଜ୍ଞାନ ସମ୍ମତ ପାଠ୍ୟକ୍ରମ ଭିତ୍ତିକ ନିର୍ଭୁଲ ପାଠ୍ୟପୁସ୍ତକ ପ୍ରସ୍ତୁତ ନ ହେବା ଯାଏଁ ଗତବର୍ଷ ପ୍ରଚଳିତ ଥିବା ବହିରେ ଶିକ୍ଷାଦାନ କରିବା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ସମେତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରସ୍ତୁତିରେ ସଂପୃକ୍ତ ସମସ୍ତ ବ୍ୟକ୍ତିବିଶେଷଙ୍କୁ କଠୋର ଶାସ୍ତି ଦେବା, ଜାତୀୟ ଶିକ୍ଷା ନୀତି ୨୦୨୦ ବାତିଲ କରିବା ଦାବିରେ ଏଆଇଡିଏସଓ ରାଜ୍ୟ ପରିଷଦର ଆହ୍ୱାନକ୍ରମେ ରାଜ୍ୟବ୍ୟାପୀ ଆନ୍ଦୋଳନ ସଂଗଠିତ ହୋଇଛି।

ଜୁନ ୨୦ ତାରିଖ ଏଆଇଡିଏସଓ ତରଫରୁ ଭୁବନେଶ୍ୱର ପିଏମଜି ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭ ପରେ ପରେ ସାରା ରାଜ୍ୟର ବିଭିନ୍ନ ସ୍ଥାନରେ, ବିଭିନ୍ନ ବ୍ଲକ ସ୍ତରରେ ବିକ୍ଷୋଭ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି ଆହ୍ୱାନ କ୍ରମେ ବଲାଙ୍ଗୀର ଜିଲ୍ଲାପାଳ ଅଫିସ, ଦେଓଗାଁ, ଗୁଡଭେଲା ବ୍ଲକ ଅଫିସ, ଅନୁଗୁଳ ଜିଲ୍ଲାପାଳ ଅଫିସ, ବ୍ରହ୍ମପୁର ସହର, ହିଞ୍ଜିଳିକାଟୁ ବିଇଓ ଅଫିସ, ବାଲେଶ୍ୱର ସହର, ଭୋଗରାଇ ବ୍ଲକ ଅଫିସ, ଯାଜପୁର ଜିଲ୍ଲାପାଳ ଅଫିସ, ଭୁବନେଶ୍ୱର ବିଇଓ ଅଫିସ, କପ୍ତିପଦା ବିଇଓ ଅଫିସ ଓ ବୈପାରିଗୁଡା ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯିବା ସହିତ ଖୋର୍ଦ୍ଧା ଜିଲ୍ଲାପାଳ, ଭଦ୍ରକ




ଜିଲ୍ଲାପାଳ, ସମ୍ବଲପୁର ଉପ-ଜିଲ୍ଲାପାଳ, କଳାହାଣ୍ଡି ଭବାନୀପାଟଣା ଆଦି ସ୍ଥାନରେ ଦାବିପତ୍ର ପ୍ରଦାନ କରାଯାଇଛି। କଟକଠାରେ ବିକ୍ଷୋଭ ପ୍ରଦର୍ଶନ କାରାଯାଇଛି ଏବଂ ଏହି ସମସ୍ତ ଦାବି ନେଇ ସହରର ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ତଥା ସର୍ବସ୍ତରର ଜନଗଣଙ୍କ ନିକଟରୁ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଛି । ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ସଂଗଠନ ପକ୍ଷରୁ ରାଜ୍ୟ ସଭାପତି କମ୍ରେଡ୍ ସୋମନାଥ ବେହେରା ଓ ସମ୍ପାଦକ କମ୍ରେଡ୍ ସିଦ୍ଧାର୍ଥ ରଥ ପ୍ରକାଶ କରିଛନ୍ତି।

## ଓଡିଶାରେ ପ୍ରକାଶିତ ଚିଠା ଭୋଟର ତାଲିକା ତ୍ରୁଟିପୂର୍ଣ୍ଣ - ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)

ଓଡିଶାରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍.ଆଇ.ଆର) ପ୍ରକ୍ରିୟାରେ ପ୍ରକାଶିତ ଚିଠା ଭୋଟର ତାଲିକାରେ ରାଜ୍ୟର ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ ବାଦ ପଡିବା ଗଭୀର ଚିନ୍ତାର ବିଷୟ ବୋଲି ଏସ୍ୟୁସିଆଇ(କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ସମ୍ପାଦକ କମ୍ରେଡ୍ ଶଙ୍କର ଦାଶଗୁପ୍ତ ଏକ ବିବୃତିରେ ପ୍ରକାଶ କରିଛନ୍ତି। ଯଦିଓ ଏହି ସଂଖ୍ୟା ଆହୁରି ଅନେକ ବେଶୀ ବୋଲି ବିଭିନ୍ନ ମହଲରୁ କୁହାଯାଉଛି।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଗଣମାଧ୍ୟମକୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏସଆଇଆର୍ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ରାଜ୍ୟରେ ମୋଟ ୩କୋଟି, ୩୩ ଲକ୍ଷ, ୯୯ ହଜାର ୫୯୧ ଜଣ ଭୋଟର ଥିଲେ। ଏମାନଙ୍କ ମଧ୍ୟରୁ ପ୍ରାୟ ୮ ଲକ୍ଷ ୩୨ ହଜାର ମୃତ ଭୋଟର ଚିହ୍ନଟ ହୋଇଛନ୍ତି। ସେହିପରି ଭୋଟର ତାଲିକାରେ ଏକାଧିକ ସ୍ଥାନରେ ପଞ୍ଜିକୃତ ହୋଇଥିବା ଭୋଟରଙ୍କ ସଂଖ୍ୟା ପ୍ରାୟ ୧ ଲକ୍ଷ ୫୮ ହଜାର। ସୂଚନା ଅନୁଯାୟୀ, ପ୍ରାୟ ୮ ଲକ୍ଷ ୮ ହଜାର ଜଣ ସ୍ଥାୟୀ ଭାବରେ ସ୍ଥାନାନ୍ତରିତ ହୋଇଛନ୍ତି। ତେବେ ସ୍ଥାୟୀ ଭାବରେ ସ୍ଥାନାନ୍ତରିତ ହୋଇଛନ୍ତି ବୋଲି କୁହାଯାଉଥିବା ଏହି ବିପୁଳ ସଂଖ୍ୟକ ଭୋଟରଙ୍କ ନାମ ଅନ୍ୟ କୌଣସି ସ୍ଥାନର ଭୋଟର ତାଲିକାରେ ରହିଛି କି ନା ତାହା ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରଦତ୍ତ ସୂଚନାରୁ ସ୍ପଷ୍ଟ ନୁହେଁ। ସ୍ୱାଭାବିକ ଭାବରେ ଏହା ଏସଆଇଆର ପ୍ରକ୍ରିୟାର ସଠିକତା ଓ ସ୍ଥାୟୀ ଭାବରେ ସ୍ଥାନାନ୍ତରିତ ବୋଲି କୁହାଯାଉଥିବା ଭୋଟର ମାନଙ୍କ ଭବିଷ୍ୟତ ସମ୍ପର୍କରେ ସନ୍ଦେହ ସୃଷ୍ଟି କରୁଛି। ପୁନଶ୍ଚ, ମୃତ ଭୋଟରଙ୍କୁ ଭୋଟର ତାଲିକାରୁ ବାଦ ଦିଆଯିବା ସଙ୍ଗେସଙ୍ଗେ ୨୦୨୪ ନିର୍ବାଚନ ପରଠାରୁ ଏପର୍ଯ୍ୟନ୍ତ ଯେଉଁମାନେ ୧୮ ବର୍ଷ ବା ତଦୁର୍ଦ୍ଧ୍ୱ ବୟସରେ ପଦାର୍ପଣ କରିଛନ୍ତି ସେ ସମସ୍ତ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ଯୋଗ କରାଯିବା ଜରୁରୀ। ମାତ୍ର ଏହା କରାଯାଇନାହିଁ। ସୁତରାଂ ପ୍ରକାଶିତ ଚିଠା ଭୋଟର ତାଲିକା ଯେ ପୁରାପୁରି ତ୍ରୁଟିପୂର୍ଣ୍ଣ ଏଥିରେ କୌଣସି ସନ୍ଦେହ ନାହିଁ।

୧୮ ବର୍ଷ ଓ ତଦୁର୍ଦ୍ଧ୍ୱ ସମସ୍ତ ଜୀବିତ ନାଗରିକଙ୍କ ନାମ ଭୋଟର ତାଲିକାଭୁକ୍ତ କରିବାର ସମ୍ପୂର୍ଣ୍ଣ ଦାୟିତ୍ୱ ନିର୍ବାଚନ କମିଶନଙ୍କର। ଏହା ନାଗରିକଙ୍କ ବ୍ୟକ୍ତିଗତ ଦାୟିତ୍ୱ ବୋଲି କହି ନିର୍ବାଚନ କମିଶନ ଏହାର ଦାୟିତ୍ୱ ଏଡାଇ ଯାଇ ପାରିବେ ନାହିଁ। ତେଣୁ ସମସ୍ତ ଯୋଗ୍ୟ ଓ ବୈଧ ଭୋଟରଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ନିର୍ବାଚନ କମିଶନ ତାଙ୍କର ଦାୟିତ୍ୱ ପାଳନ କରନ୍ତୁ ବୋଲି ଏସ୍ୟୁସିଆଇ(କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ଦୃଢ ଦାବି କରୁଛି। ଏହା ନକଲେ ନାଗରିକଙ୍କ ଗଣତାନ୍ତ୍ରିକ ଅଧିକାର ଉପରେ କୁଠାରାଘାତ ହେବ ଏବଂ ଦେଶର ସାଧାରଣ ଲୋକ ଅନେକ ପ୍ରକାର ଅସୁବିଧାର ସମ୍ମୁଖୀନ ହେବାର ବିପଦ ସୃଷ୍ଟି ହେବ ବୋଲି କମ୍ରେଡ୍ ଦାଶଗୁପ୍ତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି କାମ ସମ୍ପୂର୍ଣ୍ଣ ଭାବରେ ଓ ସୂଚାରୁ ରୂପରେ ସମ୍ପନ୍ନ କରିବା ପାଇଁ ପ୍ରୟୋଜନ ଅନୁଯାୟୀ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) ପ୍ରକ୍ରିୟାର ସମୟ ସୀମା ବୃଦ୍ଧି କରିବା ପାଇଁ ସେ ଦାବି କରିଛନ୍ତି ।

★★★

## ବିଜେପିର 'ପୁସବ୍ୟାକ' ନୀତି ଆନ୍ତର୍ଜାତିକ ରୀତି ନୀତିର ସମ୍ପୂର୍ଣ୍ଣ ବିରୋଧୀ - ଏସ୍ୟୁସିଆଇ(କମ୍ୟୁନିଷ୍ଟ)

*ଏସ୍ୟୁସିଆଇ(କମ୍ୟୁନିଷ୍ଟ) ସାଧାରଣ ସମ୍ପାଦକ କମ୍ରେଡ୍ ପ୍ରଭାସ ଘୋଷ ୨୦୨୬ ଜୁନ ୫ ତାରିଖରେ ଜାରୀ ଏକ ବିବୃତ୍ତିରେ କହିଛନ୍ତି ଯେ -*

କେନ୍ଦ୍ର ବିଜେପି ସରକାର ଯେଉଁ ଭଳି ଏବଂ ଯେଉଁ ପଦ୍ଧତିରେ ରାତ୍ରୀର ଅନ୍ଧକାରରେ ସାଧାରଣ ଲୋକଙ୍କୁ ବଳପୂର୍ବକ ବଙ୍ଗଳାଦେଶ ସୀମା ପାର କରାଉଛି (Push Back) ତାହା ଆନ୍ତର୍ଜାତୀୟ ଆଇନ କାନୁନ ଓ ରୀତି ନୀତିର ସମ୍ପୂର୍ଣ୍ଣ ବିରୋଧୀ। କୌଣସି ସଭ୍ୟ ସରକାର ଏହି ଧରଣର ଅଗଣତାନ୍ତ୍ରିକ, ହୃଦୟହୀନ ଓ ମାନବତା ବିରୋଧୀ ପଦ୍ଧତି ଗ୍ରହଣ କରିପାରିବ ନାହିଁ। କୌଣସି ବିଦେଶୀ ନାଗରିକ ବେଆଇନ୍ ଭାବରେ ଏ ଦେଶରେ ବସବାସ କରିପାରିବ ନାହିଁ। ଆଇନ ସମ୍ମତ ପଦ୍ଧତିରେ ସେମାନଙ୍କୁ ଚିହ୍ନଟ କରିବାକୁ ହେବ ଏବଂ ଆତ୍ମପକ୍ଷ ସମର୍ଥନର ସୁଯୋଗ ଦେଇ ଆଇନ ସମ୍ମତ ଭାବରେ ସେମାନଙ୍କର ବିଚାର କରିବାକୁ ହେବ। ବିଚାର ମାଧ୍ୟମରେ ଯଦି ଏହା ପ୍ରମାଣିତ ହୁଏ ଯେ କୌଣସି ଜଣେ ବ୍ୟକ୍ତି ଅନ୍ୟ ଦେଶର ନାଗରିକ, ତା' ହେଲେ ତାଙ୍କୁ ଆନ୍ତର୍ଜାତିକ ଆଇନ ଅନୁଯାୟୀ ଏବଂ ଦୁଇ ଦେଶର ପାରସ୍ପରିକ ବୁଝାମଣା ଭିତ୍ତିରେ ସମ୍ପୃକ୍ତ ଦେଶର ସରାକରଙ୍କ ନିକଟରେ ସମର୍ପଣ କରିବାକୁ ହେବ। ମାତ୍ର ଗଭୀର ଉଦ୍‌ବେଗର ସହିତ ଆମେ ଲକ୍ଷ୍ୟ କରୁଛୁ ଯେ, ଏହି ଆଇନ ସମ୍ମତ ପ୍ରକ୍ରିୟାକୁ ଉପେକ୍ଷା କରି କେନ୍ଦ୍ର ଓ ରାଜ୍ୟର ପୁଲିସ ବାହିନୀ ମନ ଇଚ୍ଛା ସାଧାରଣ ଲୋକଙ୍କୁ ଗିରଫ କରୁଚି ଏବଂ ରାତ୍ରୀର ଅନ୍ଧକାରରେ ସୀମା ସୁରକ୍ଷା ବଳ (BSF) ଦ୍ୱାରା ଏହି ଲୋକ ମାନଙ୍କୁ ଜବରଦସ୍ତ ବଙ୍ଗଳାଦେଶ ସୀମା ପାର କରାଯାଉଛି। ଏଭଳି ମଧ୍ୟ ହେଉଛି ଯେ ଭାରତୀୟ ସୀମା ସୁରକ୍ଷା ବଳ ବଳପୂର୍ବକ ଏମାନଙ୍କୁ ସୀମା ପାର କରାଉଛି ଏବଂ ବଙ୍ଗଳାଦେଶ ସୀମାନ୍ତ ରକ୍ଷୀ ମାନେ ସେମାନଙ୍କୁ ଦେଶ ମଧ୍ୟରେ ପ୍ରବେଶ କରିବାକୁ ଦେଉନାହନ୍ତି କିମ୍ବା ପୁର୍ନବାର ଭାରତ ସୀମା ମଧ୍ୟକୁ ଠେଲି ଦେଉଛନ୍ତି। ଏହି ଭଳି ଭାବରେ ଅନେକ ଲୋକ ବର୍ତ୍ତମାନ ମଧ୍ୟ ଦୁଇ ଦେଶ ମଧ୍ୟରେ ଥିବା ଜିରୋ ପଏଣ୍ଟରେ ଅନାହାରରେ ଏବଂ ଆଶ୍ରୟହୀନ ଅବସ୍ଥାରେ ପଡ଼ି ରହିଛନ୍ତି।

ଆଇନଗତ ପ୍ରକ୍ରିୟାକୁ ଉପେକ୍ଷାକରି ପୁଲିସ ପ୍ରଶାସନ ଜରିଆରେ ବିଦେଶୀ ନାଗରିକ ଚିହ୍ନଟର ଏହି ସିଦ୍ଧାନ୍ତ ସ୍ୱେରାଚାରୀ, ସମ୍ପୂର୍ଣ୍ଣ ବେଆଇନ ଓ ଅଗଣତାନ୍ତ୍ରିକ। ଆମେ ଏହାର ତୀବ୍ର ପ୍ରତିବାଦ କରୁଛୁ।

ଅବିଳମ୍ବେ ଏହି ଅଗଣତାନ୍ତ୍ରିକ ଓ ସ୍ୱେରାଚାରୀ ପ୍ରକ୍ରିୟା ବନ୍ଦ କରିବାକୁ ହେବ। ଏ ସଂକ୍ରାନ୍ତୀୟ ସମସ୍ତ ଜାତୀୟ ଓ ଆନ୍ତର୍ଜାତୀୟ ଆଇନ ଓ ଅନୁଶାସନ କଠୋର ଭାବରେ ଅନୁପାଳନ କରି ଅବୈଧ ଅନୁପ୍ରବେଶକାରୀ ମାନଙ୍କୁ ସେମାନଙ୍କ ଦେଶର ସରକାରର ସମ୍ମତି ଭିତ୍ତିରେ ନିଜ ଦେଶକୁ ପଠାଇବାକୁ ଆମେ ଦାବି କରୁଛୁ।

ଉପରୋକ୍ତ ଦାବି ଗୁଡ଼ିକୁ କାର୍ଯ୍ୟକାରୀ କରିବାପାଇଁ ଦେଶର ସର୍ବତ୍ର ଶକ୍ତିଶାଳୀ ଜନମତ ଗଢିତୋଳିବାପାଇଁ ଦେଶର ଜନସାଧାରଣଙ୍କୁ ଆମେ ଆହ୍ୱାନ ଦେଉଛୁ।

★★★

ଭାରତବର୍ଷର ଶୋଷିତ ସର୍ବହରା ଶ୍ରେଣୀ ମୁକ୍ତି ଆନ୍ଦୋଳନର ପଥ ପ୍ରଦର୍ଶକ

କମ୍ରେଡ୍ ଶିବଦାସ ଘୋଷଙ୍କ ୫୦ତମ ମୃତ୍ୟୁ ବାର୍ଷିକୀ ଉପଲକ୍ଷେ

**ରାଜ୍ୟ ସ୍ତରୀୟ ସମାବେଶ**

ସ୍ଥାନ- ରୟାଲ ରିସୋର୍ଟ, ସାମନ୍ତରାପୁର, ଭୁବନେଶ୍ୱର, ସମୟ- ଦିବା ୧୧.୩୦ଟା

ମୁଖ୍ୟ ବକ୍ତା - କମ୍ରେଡ୍ ସ୍ୱପନ ଘୋଷ
ପଲିଟବ୍ୟୁରୋ ସଦସ୍ୟ ତଥା କେନ୍ଦ୍ରୀୟ ଅଫିସ ସମ୍ପାଦକ, ଏସ୍ୟୁସିଆଇ (କମ୍ୟୁନିଷ୍ଟ)

ସଭାପତି- କମ୍ରେଡ୍ ଛବି ମହାନ୍ତି,
ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟା, ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, PhNo- 06742343826, Odisha, E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das